
# ଶ୍ରୀଦୁର୍ଗା
# ନବ ରାତ୍ର ବ୍ରତକଥା



ଶ୍ରୀଦୁର୍ଗା
ନବ ରାତ୍ର ବ୍ରତକଥା



smarteduguide.com



# ସର୍ବଶକ୍ତିମାନ ମା' ଦୁର୍ଗା

smarteduguide.com

ସଂସାରକୁ ଚଳାଇବା ନିମନ୍ତେ ଏକମାତ୍ର ପରମାତ୍ମା ମହାଶକ୍ତିଧାରିଣୀ ମା' ଦୁର୍ଗା ହିଁ ଅଟନ୍ତି । ଦେବତାଙ୍କର ରଚନା, ପାଳନା ଏବଂ ସଂହାର ନିମନ୍ତେ ଯେଉଁ ଶକ୍ତି ଅଛି ତାହା ମା' ଦୁର୍ଗାଙ୍କର ଶକ୍ତିର ସ୍ୱରୂପ ଅଟେ । ମା'ଙ୍କର ଶକ୍ତି ବିନା କୌଣସି ଦେବତା ସଂପୂର୍ଣ୍ଣ ହୋଇପାରନ୍ତି ନାହିଁ । ଜଗତ ମାତାଙ୍କର ନାମ ଅନେକ ଅଛି; କିନ୍ତୁ ମାଆଙ୍କର ନଅଗୋଟି ସ୍ୱରୂପ ପ୍ରଧାନ ଅଟେ । ମାଆଙ୍କର ନଅଗୋଟି ସ୍ୱରୂପଙ୍କୁ ନବରାତ୍ରରେ ପୂଜା କରାଯାଇଥାଏ । ଏହା ବ୍ରହ୍ମାଙ୍କଦ୍ୱାରା ରଚିତ ହୋଇଅଛି ଏବଂ ବିଷ୍ଣୁଙ୍କଦ୍ୱାରା ପାଳନ ଓ ଶିବଙ୍କଦ୍ୱାରା ସଂହାର ଶକ୍ତି କରାଯାଇଥାଏ । ଏହା ହେଉଛି ସାସ୍ୱତ ଅଖଣ୍ଡ ନିତ୍ୟ ଏବଂ ନିରାକାରଙ୍କ ଅଟନ୍ତି ।

ଭଗବତୀ ଦୁର୍ଗାଙ୍କର ମହିମା କେବଳ ଗୋଟିଏ ଗ୍ରନ୍ଥ ମଧ୍ୟରେ ସୀମିତ ରହି ନାହିଁ । ଏହା ଅନେକ ଗ୍ରନ୍ଥର ମହିମା କଥାରେ ବର୍ଣ୍ଣନା କରାଯାଇଅଛି । ଶିବଙ୍କ ଅନୁସାରେ ଆଦ୍ୟାଶକ୍ତି ଜଗଦମ୍ବା ହିଁ ସାରା ବ୍ରହ୍ମାଣ୍ଡର ଅଧିଶ୍ୱରୀ ଅଟନ୍ତି । ମା' ଦୁର୍ଗାଙ୍କର ପ୍ରଭାବରେ ପ୍ରାଣୀମାନେ ନିଜ କର୍ମର ଫଳ ପାଉଥାଆନ୍ତି । ମା' ଦୁର୍ଗା ଚେତନା ସ୍ୱରୂପା ଏବଂ ସର୍ବଜ୍ଞ ଅଟନ୍ତି । ସେ ହେଉଛନ୍ତି ଜନନୀ, ମାତା ଏବଂ ପିତା ।

ତ୍ୱଂପରା ପ୍ରକୃତ ସାକ୍ଷାଦ୍ ବ୍ରହ୍ମାଣ୍ଡଃ ପରମାତ୍ମନଃ ।
ତ୍ୱତ୍ତୋ ଯାତଂ ଜଗତ ସର୍ବଂ ତ୍ୱଂ ଜଗତ ଜନନୀ ଶିବେ ।

ଅର୍ଥାତ୍ ହେ ଶିବ ! ତୁମେ ପରା ପ୍ରକୃତ ଅଟ । ସାକ୍ଷାତ ବ୍ରହ୍ମ ପରମାତ୍ମା ଅଟନ୍ତି । ତୁମେ ହିଁ ସମସ୍ତ ଜଗତର ଜନନୀ ଅଟ । ମା' ଦୁର୍ଗାଙ୍କର ପୂଜା ଏମିତି ବର୍ଷ ବର୍ଷ କରାଯାଉ ଅଛି । ପରନ୍ତୁ ଋତୁ ପରିବର୍ତ୍ତନରେ ବର୍ଷକୁ ଦୁଇଥର ନଅ ନଅ ଦିନ ଯାଏ ମା'ଙ୍କର ପୂଜାର ବିଶେଷ ମହତ୍ତ୍ୱ ଦେଖାଯାଇଥାଏ । ଏହି ପୁଣ୍ୟ ଅବସରକୁ ନବରାତ୍ର କୁହାଯାଇଥାଏ । ଗ୍ରୀଷ୍ମ ଋତୁରେ ତଥା ଶରତ ଋତୁର ଆଗମନରେ ନବରାତ୍ର ଆଶ୍ୱିନ ମାସରେ ହୋଇଥାଏ ଏବଂ ଶରତ ଋତୁର ଶେଷରେ ଏବଂ ଗ୍ରୀଷ୍ମ ଋତୁର ଆଗମନର ସୂଚନାରେ ନବରାତ୍ର ଚୈତ୍ର ମାସରେ ପାଳନ ହୋଇଥାଏ । ମା' ଦୁର୍ଗାଙ୍କ ବ୍ରତପୂଜା ଏବଂ ମହିମା ଗାନର ପ୍ରାଚୀନ କାଳରୁ ବିଶେଷ ମହତ୍ତ୍ୱ ରହିଅଛି । ବିଶେଷ କରି କଳିଯୁଗରେ ନବରାତ୍ରର ସମୟରେ ମାର୍କଣ୍ଡେୟ ପୁରାଣର ଗୋଟିଏ ଅଂଶ ଦୁର୍ଗା ସପ୍ତଶତୀ ପାଠର ବିଶେଷ ମହତ୍ତ୍ୱ ରହିଅଛି । ଯେଉଁଥିରେ କି ମାତାଙ୍କର ସମସ୍ତ ନବ ରୂପର ମହିମା ଗାନ କରାଯାଇଅଛି ଏବଂ ଏହାକୁ ପାଠକରିଲେ ସମସ୍ତ ଫଳ ପ୍ରାପ୍ତି ହୋଇଥାଏ । ଏହାକୁ ପାଠ କରିବାଦ୍ୱାରା ମନୁଷ୍ୟ ପ୍ରାଣୀ ମୋହ ମାୟା ଜାଲରୁ ବାହାରି ମା'ଙ୍କର ପରଧାମର ପ୍ରାପ୍ତି ହୋଇଥାଆନ୍ତି । ମା'ଙ୍କର ମହିମା ବିଷୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି—

ତ୍ୱମେବ ସର୍ବ ଜନନୀ ମୂଳ ପ୍ରକୃତିରୀଶ୍ୱରୀ
ତ୍ୱମେବାଦ୍ୟା ସୃଷ୍ଟିବଧୌ ସ୍ୱେଚ୍ଛୟା ତ୍ରିଗୁଣାତ୍ମିକା ।
କାର୍ମାର୍ଥି ସଗୁଣା ତ୍ୱଂ ଚ ବସ୍ତୁତୋ ତ୍ୱଂ ଚ ନିର୍ଗୁଣା
ପରଂବ୍ରହ୍ମା ସ୍ୱରୂପା ତ୍ୱଂ ସତ୍ୟା ନିତ୍ୟା ସନାତନୀ ସ୍ୱୟଂ ।



ତେଜଃ ସ୍ୱରୂପା ପରମା ଭକ୍ତାନୁଗ୍ରହ ବିଗ୍ରହ,
ସର୍ବ ସ୍ୱରୂପା ସର୍ବେଶା ସର୍ବାଧାରା ପରାତ୍ପରା ।



ସର୍ବ ବୀଜ ସ୍ୱରୂପା ଚ ସର୍ବପୂଜ୍ୟା ନିରାଶ୍ରୟା
ସର୍ବଜ୍ଞା ସର୍ବତୋ ଭଦ୍ରା ସର୍ବ ମଙ୍ଗଳ ମଙ୍ଗଳା ।

ଅର୍ଥାତ୍ ତୁମେ ହେଉଛ ବିଶ୍ୱର ଜନନୀ ଓ ମୂଳପ୍ରକୃତି । ସୃଷ୍ଟିର ପ୍ରାରମ୍ଭ ସମୟରୁ ଆଦ୍ୟାଶକ୍ତି ରୂପରେ ତୁମେ ହିଁ ବିରାଜମାନ ହୋଇଛ । ନିଜର ଇଚ୍ଛାନୁସାରେ ତୁମେ ତ୍ରିଗୁଣାତ୍ମିକା ହୋଇଥାଅ । ତୁମେ ପରଂବ୍ରହ୍ମ ସ୍ୱରୂପା ରୂପେ ପୂଜା ପାଉଛ । ସର୍ବସିଦ୍ଧି ତଥା ସର୍ବ ମଙ୍ଗଳ କରିବାପାଇଁ ଏବଂ ସମସ୍ତ ପ୍ରକାର ମଙ୍ଗଳର ତୁମେ ହିଁ ହେଉଛ ମଙ୍ଗଳ ।

smarteduguide.com

# ମା' ଦୁର୍ଗାଙ୍କ ପରିଚୟ

ଶିବ ପୁରାଣରେ କଥିତ ଅଛି ଯେ ପ୍ରାଚୀନ କାଳରେ ଦୁର୍ଗମ ନାମକ ଏକ ବଳବାନ ରାକ୍ଷାସ ଜନ୍ମ ହେଲା । ସେ ବ୍ରହ୍ମାଙ୍କ ଠାରୁ ବରପ୍ରାପ୍ତି ହୋଇ ଦେବତାମାନଙ୍କ ସହିତ ଭୀଷଣ ରଣ କରିବାକୁ ଲାଗିଲା । ଯାହାଦ୍ୱାରାକି ଧର୍ମର ହାନୀ ହେବାକୁ ଲାଗିଲା । ଦେବତାମାନେ ମା' ଭଗବତୀଙ୍କୁ ପ୍ରାର୍ଥନା କଲେ– ହେ ମା' ଭଗବତୀ, ଯେଉଁଭଳି ତୁମେ ଶୁମ୍ଭ ନିଶୁମ୍ଭ, ଧୂମ୍ରାକ୍ଷ, ଚଣ୍ଡମୁଣ୍ଡ, ରକ୍ତବୀଜ, ମଧୁ କୈଟଭ, ମହିଷ ଆଦି ରାକ୍ଷାସମାନଙ୍କର ବଧ କରିଥିଲ, ସେହିଭଳି ଦୁର୍ଗମାସୁରର ବଧ କରି ଆମର କଲ୍ୟାଣ କର ମା' । ମା' ଭଗବତୀ କହିଲେ ଦେବତାମାନେ ତୁମମାନଙ୍କର ଇଚ୍ଛା ନିଶ୍ଚୟ ପୂରଣ ହେବ । ତଦନୁସାରେ ଦେବୀ ଦୁର୍ଗମାସୁରର ବଧ କରିବାକୁ ସଂକଳ୍ପ ନେଲେ ।

ସେତେବେଳେ ଦୁର୍ଗମାସୁରକୁ ଦେବୀଙ୍କର ସଂକଳ୍ପ ଜ୍ଞାନହେଲା । ସେ ତା'ର ଦଳବଳ ସହିତ ଦେବଲୋକରେ ପହଞ୍ଚିଲା, ଦେବୀ ମଧ୍ୟ ଅସୁର ସହିତ ଯୁଦ୍ଧ କରିବା ନିମନ୍ତେ ଧାଇଁ ଆସିଲେ । ଦୁର୍ଗମାସୁର ସେନା ସହିତ ମା' ଦୁର୍ଗାଙ୍କ ଉପରେ ଆକ୍ରମଣ କଲା । ସେତେବେଳେ ମା' ଦୁର୍ଗା ଦିବ୍ୟ ଶରୀରରୁ କାଳି, ତାରା, ଛିନମସ୍ତା, ଷୋଡ଼ଶୀ, ଭୁବନେଶ୍ୱରୀ, ତ୍ରିପୁର ଭୈରବୀ, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଏବଂ କମଳା ରୂପ ସ୍ୱରୂପା ଦଶ ମହାବିଦ୍ୟା ପ୍ରକଟ କଲେ । ଏହି ମହାବିଦ୍ୟାମାନେ ରାକ୍ଷାସ ସେନାଙ୍କର ସମାପ୍ତି କରିଦେଲେ । ଦେବୀ ତ୍ରିଶୂଳ ଦ୍ୱାରା ଦୁର୍ଗମାସୁରର ବଧ କରିଦେଲେ । ସେବେଠାରୁ ଦେବୀଙ୍କର ଅନ୍ୟ ନାମ ହେଲା 'ଦୁର୍ଗା' ।

smarteduguide.com



ଏଠାରେ ମା' ଭବାନୀଙ୍କର ନାମ ଶତାକ୍ଷୀ ଏବଂ ଶାକମ୍ଭରୀ ମଧ୍ୟ ରହିଅଛି । ଯିଏ ନିଜ ଭକ୍ତମାନଙ୍କର ଦୁର୍ଗତୀ ନାଶ କରୁଛନ୍ତି ତାଙ୍କୁ ଦୁର୍ଗା ମଧ୍ୟ କୁହାଯାଇଥାଏ ।

ମା' ଦୁର୍ଗାଙ୍କର ଶକ୍ତିର ପରିଚୟରେ ଦଶ ମହାବିଦ୍ୟାଙ୍କର ଉପଲେଖ କେବଳ ଏତିକି ରହିଅଛି । ଦଶମହାବିଦ୍ୟାଙ୍କର ପରମ୍ପରାଗତ ସଂପର୍କ ସତୀ, ଶିବା ଏବଂ ପାର୍ବତୀ ସହିତ ରହିଅଛି । ଏହି ଅନ୍ୟତ୍ର ନବଦୁର୍ଗା ଶକ୍ତି ଚାମୁଣ୍ଡା ବିଷ୍ଣୁପ୍ରିୟା ଆଦି ନାମରେ ପୂଜିତ ହେଉଛନ୍ତି । ମହା ଭାଗବତ ପୁରାଣରେ ଦଶମହାବିଦ୍ୟା ସଂପର୍କରେ କୁହାଯାଇ ଅଛି ଯେ–

ଥରେ ଦକ୍ଷ ପ୍ରଜାପତି ସବୁଦେବତା ତଥା ମହର୍ଷିଙ୍କୁ ଯଜ୍ଞ ନିମନ୍ତେ ନିମନ୍ତ୍ରଣ କଲେ । କିନ୍ତୁ ସେ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ସତୀଙ୍କୁ ଯେତେବେଳେ ଏହା ଜ୍ଞାନ ହେଲା ତାଙ୍କ ପିତା ଦକ୍ଷ ଯଜ୍ଞ କରୁଅଛନ୍ତି, ସେତେବେଳେ ତାଙ୍କ ପତି ଶିବଙ୍କ ଠାରୁ ଅନୁମତି ମାଗିଲେ ଯେ ପିତା ତାଙ୍କର ଏତେ ବଡ଼ ଯଜ୍ଞ କରୁଛନ୍ତି ସେ ସେହି ଯଜ୍ଞ ଦେଖିବା ନିମନ୍ତେ ପିତାଙ୍କ ଗୃହକୁ ଯାତ୍ରା କରିବେ । କିନ୍ତୁ ଶିବ ଏପରି ଅବସ୍ଥାରେ ଦକ୍ଷଙ୍କର କରୁଥିବା ଯଜ୍ଞକୁ ଯିବା ନିମନ୍ତେ ଅନୁମତି ଦେଲେ ନାହିଁ । କିନ୍ତୁ ସତୀ ନିଜର ନିଷ୍ପତ୍ତିରେ ଅଟଳ ରହିଲେ । ତାଙ୍କର ନେତ୍ର ଲାଲ ହୋଇଗଲା । ସେତେବେଳେ ସେ ଶିବଙ୍କୁ ଉଗ୍ର ଦୃଷ୍ଟିରେ ଦେଖିବାକୁ ଲାଗିଲେ । ସତୀଙ୍କର ରାଗ ବଢ଼ିବାକୁ ଲାଗିଲା । ଶରୀରର ରଙ୍ଗ କଳା ହୋଇଗଲା । କ୍ରୋଧ କାରଣରୁ ତାଙ୍କ ଶରୀର ଭୟାନକ ହୋଇ ରହିଲା । ସେତେବେଳେ ମହାମାୟାଙ୍କର ପ୍ରଚଣ୍ଡ ତେଜ ବାହାରୁଥିଲା । କଳା ଅଙ୍ଗ ସମାନ ଭୟାନକ ରୂପରେ ଦେବୀ ମୁଣ୍ଡମାଳ ଧାରଣ

କରିଥିଲେ ଏବଂ ତାଙ୍କର ଭୟାନକ ଜିଭ ବାହାରକୁ ବାହାର କରିଦେଲେ । ତାଙ୍କର ମସ୍ତକରେ ଅର୍ଦ୍ଧଚନ୍ଦ୍ର ସୁଶୋଭିତ ହେଉଥିଲା । ସେ ବାରମ୍ବାର ବିକଟ ହୁଙ୍କାର କରିବାକୁ ଲାଗିଲେ । ଦେବୀଙ୍କର ଏହି ସ୍ୱରୂପ ସାକ୍ଷାତ ମହାଦେବୀଙ୍କ ଲାଗି ମଧ ପ୍ରଚଣ୍ଡ ଭୟାନକ ଥିଲା । ଦେବୀଙ୍କର ଏହି ଭୟାନକ ରୂପକୁ ଦେଖି ଶିବ ପଳାୟନ କଲେ । ଶିବ ପଳାଇବା ସମୟରେ ତାଙ୍କୁ ଦଶଦିଗରୁ ରୋକିବା ଲାଗି ଦେବୀ ନିଜର ଅଙ୍ଗ ମୂର୍ତ୍ତି ଦଶଦେବୀଙ୍କୁ ପ୍ରକଟ କଲେ । ଦେବୀଙ୍କର ଏହି ସ୍ୱରୂପା ଶକ୍ତିମାନେ ହିଁ ଦଶ ମହାବିଦ୍ୟା ଅଟନ୍ତି । ଯାହାର ନାମ ହେଉଛି





କାଳି, ତାରା, ଛିନ୍ନମସ୍ତା, ଷୋଡ଼ଶୀ, ଭୁବନେଶ୍ୱରୀ, ତ୍ରିପୁର ଭୈରବୀ, ଧୂମାବତୀ, ବଗଳାମୁଖି, ମାତଙ୍ଗୀ ଏବଂ କମଳାଙ୍କର ଉଗ୍ର ଏବଂ ସୌମ୍ୟ ଦୁଇରୂପ ସେହି ଦଶ ମହାବିଦ୍ୟାମାନେ ନିହିତ ଅଛନ୍ତି । ତାରା, ଛିନ୍ନମସ୍ତା, ବଗଳାମୁଖି, ଧୂମାବତୀଙ୍କର ଉଗ୍ର ରୂପ ଅଟନ୍ତି ଏବଂ ଭୁବନେଶ୍ୱରୀ, ଷୋଡ଼ଶୀ, ତ୍ରିପୁରଭୈରବୀ, ମାତଙ୍ଗୀ ଏବଂ କମଳା ସୌମ୍ୟରୂପ ଅଟନ୍ତି ।

❋

## ମହାବିଦ୍ୟାଙ୍କର ଅନ୍ୟ କଥା

### ଦେବୀ କାଳୀ



ଦଶମହାବିଦ୍ୟାଙ୍କ ମଧ୍ୟରେ କାଳୀ ହେଉଛନ୍ତି ପ୍ରଥମ । କାଳିକା ପୁରାଣରେ କଥିତ ଅଛି ଯେ ଥରେ ଦେବତାମାନେ ହିମାଳୟ ଯାଇ

smarteduguide.com

ମହାମାୟାଙ୍କର ବନ୍ଦନା କଲେ । ଏହି ସ୍ଥାନରେ ମତଙ୍ଗ ମୁନିଙ୍କର ଆଶ୍ରମ ଥିଲା । ବନ୍ଦନାରେ ପ୍ରସନ୍ନ ହୋଇ ମତଙ୍ଗ ବନିତା ହୋଇ ଦେବତାମାନଙ୍କୁ ଦର୍ଶନ ଦେଲେ ଏବଂ ପଚାରିଲେ ତୁମ୍ଭେମାନେ କାହାର ବନ୍ଦନା କରୁଅଛ । ସଙ୍ଗେ ସଙ୍ଗେ ତାଙ୍କର ଶ୍ରୀ ବିଗ୍ରହରୁ କଳା ପାହାଡ଼ ସମାନ ରଙ୍ଗର ଜଣେ ଦିବ୍ୟନାରୀ ପ୍ରକଟ ହେଲେ । ସେହି ତେଜସ୍ୱିନୀ ନିଜେହିଁ ଦେବତାମାନଙ୍କ ତରଫରୁ ଉତ୍ତର ଦେଲେ ଏହି ଦେବଗଣ ମୋର ହିଁ ବନ୍ଦନା କରୁଛନ୍ତି । ସେ କଜ୍ଜଳ ସମାନ ରଙ୍ଗର ବର୍ଣ୍ଣ ଧାରଣ କରିଥିଲେ । ସେଥିଲାଗି ଦେବୀଙ୍କର ନାମ କାଳୀ ରହିଥିଲା । ବାସ୍ତବରେ କାଳୀଙ୍କର ନୀଳରୂପ ଥିବାରୁ ତାଙ୍କୁ ତାରା ମଧ୍ୟ କୁହାଗଲା । ତାରା ନାମର ଅନ୍ୟ ରହସ୍ୟ ଏହା ମଧ୍ୟ ଅଛି ଯେ ସେ ସର୍ବଦା ମୋକ୍ଷ ଦେବା ନିମନ୍ତେ ତାଙ୍କୁ ତାରା କୁହାଯାଉଛି । ଭୟଙ୍କର ବିପତ୍ତି ସମୟରେ ରକ୍ଷା କରୁଥିବା କାରଣରୁ ସେ ଅଗ୍ରତାରିଣୀ ବା ଅଗ୍ରତାରା କୁହାଯାଉଛି । କାଳୀଙ୍କର ସାଧନା ଲାଗି ଗୁରୁଙ୍କର ଆବଶ୍ୟକ ଥାଏ, ତଥାପି ଅନନ୍ୟ ଭକ୍ତିରୁ ହିଁ ଦେବୀ କୃପା ପ୍ରାପ୍ତ କରାଯାଇପାରେ । ମୂର୍ତ୍ତି ଯନ୍ତ୍ର ବା ଗୁରୁଙ୍କଦ୍ୱାରା ଉପବିଷ୍ଟ କୌଣସି ଆଧାର ଉପରେ ଭକ୍ତି ଭାବରେ ମନ୍ତ୍ର ଜପ ପୂଜା ହୋମ ପୁରଶ୍ଚରଣ ଏବଂ ପାଦ ପୂଜା କରିବାଦ୍ୱାରା କାଳୀ ପ୍ରସନ୍ନ ହୋଇ ଥାଆନ୍ତି । କାଳୀଙ୍କର ପ୍ରସନ୍ନତା ସଂପୂର୍ଣ୍ଣ ଅଭୀଷ୍ଟ ପ୍ରାପ୍ତିର କାରଣ ହୋଇଥାଏ ।

**ନାରଦ ପଞ୍ଚରାତ୍ର** ଅନୁସାରେ ଥରେ କାଳୀଙ୍କର ଇଚ୍ଛା ହେଲା ସେ ପୂର୍ଣ୍ଣ ଗୌରୀ ହେବାକୁ । ଏହା ଭାବି କାଳୀ ଅଦୃଶ୍ୟ ହୋଇଗଲେ । ସେହି ସମୟରେ ନାରଦ ସେଠାରେ ପ୍ରକଟ ହେଲେ । ଶିବ ନାରଦଙ୍କ ନିକଟରେ ଦେବୀଙ୍କ ଠିକଣା ପଚାରିଲେ । ନାରଦ



ଶିବଙ୍କୁ କହିଲେ ଯେ ସୁମେରୁ ପର୍ବତର ଉତ୍ତରରେ ଦେବୀ ପ୍ରତ୍ୟକ୍ଷ ଉପସ୍ଥିତ ହେବା ଜଣାଇଲେ । ତେଣୁ ଶିବଙ୍କ ଆଦେଶରେ ନାରଦ ସେଠାକୁ ଗଲେ ଏବଂ ଶିବଙ୍କ ତରଫରୁ ବିବାହ ପ୍ରସ୍ତାବ ଦେଲେ । ଦେବୀ ରାଗିଗଲେ ଓ ତାଙ୍କର ଶରୀରରୁ ଅନ୍ୟ ଏକ ବିଗ୍ରହ ଷୋଡ଼ଶୀ ପ୍ରକଟ ହେଲେ । ପୁନଶ୍ଚ ସେହି ଛାୟା ବିଗ୍ରହରୁ ତ୍ରିପୁରା ଭୈରବୀଙ୍କର ପ୍ରକଟ ହେଲା ।

ମାର୍କଣ୍ଡେୟ ପୁରାଣରୁ ଦେବୀଙ୍କ ଲାଗି ବିଦ୍ୟା ଏବଂ ମହାବିଦ୍ୟା ତଥା ଦେବତାଙ୍କର ସ୍ତୁତିରେ ଲକ୍ଷ୍ମୀ ମହାବିଦ୍ୟାର ସଂବୋଧନ ଦେଖାଯାଏ । 'ଅ' ଠାରୁ 'କ୍ଷ' ଯାଏ ମାତ୍ରାର ଆଧାର ପୀଠ ଅଛି ।

## ତାରା

ତାରା ଏବଂ କାଳୀ ଏ ଦୁହେଁ ସମାନ ଦେବୀ ଅଟନ୍ତି । ହୟଗ୍ରୀବ ନାମକ ରାକ୍ଷସର ବଧ କରିବା ନିମନ୍ତେ ଦେବୀଙ୍କୁ ନିଜ ବିଗ୍ରହ ପ୍ରାପ୍ତ ହୋଇଥିଲା । ଶବ ସମାନ ଶିବଙ୍କ ଉପରେ ।

ତାଙ୍କର ବର୍ଣ୍ଣ ନୀଳକମଳ ସ୍ୱରୂପ ତ୍ରିନେତ୍ର ତଥା ହାତରେ କଇଁଚି କପାଳ ଏବଂ ଖଣ୍ଡା ରହିଅଛି । ବାଘଛାଲ ତାହାଙ୍କର ବସ୍ତ୍ର ହୋଇଥିଲା । ଦେବୀଙ୍କର ଗଳାରେ ମୁଣ୍ଡମାଳା ବିରାଜମାନ ହେଉଥିଲା । ସେ ହେଉଛନ୍ତି ଉଗ୍ରତାରା । କିନ୍ତୁ ଭକ୍ତଙ୍କ ଉପରେ କୃପା କରିବା ଲାଗି ତାଙ୍କର ତତ୍ପରତା ବେଶି ରହିଅଛି । ସେଥିଲାଗି ସେ କରୁଣାମୟୀ ହୋଇଛନ୍ତି । ଶତ୍ରୁନାଶ ବାକ୍-ଶକ୍ତି ତଥା ଭୋଗ ମୋକ୍ଷର ପ୍ରାପ୍ତି ନିମନ୍ତେ ତାରା ଅଥବା ଉଗ୍ରତାରାଙ୍କର ସାଧନା କରିବାକୁ ହୋଇଥାଏ । ତାରା ମହାବିଦ୍ୟାରେ ଅହେତୁକ ପ୍ରଭାବ ଏବଂ ସିଦ୍ଧିର ଅଧିଷ୍ଠାତ୍ରୀ ଦେବୀ ଭାବରେ ମାନ୍ୟତା ଦିଆଯାଉଅଛି ।

smarteduguide.com

## ଛିନ୍ନମସ୍ତା

ଥରେ ମା' ଭଗବତୀ ତାଙ୍କର ସଖୀ ଜୟା ଏବଂ ବିଜୟାଙ୍କ ସହିତ ମନ୍ଦାକିନୀ ନଦୀକୁ ସ୍ନାନ ନିମନ୍ତେ ଯାଇଥିଲେ । ସେଠାରେ ସ୍ନାନ ପରେ ସଖୀମାନେ ଭୋକରେ ପୀଡ଼ିତ ହୋଇ କୃଷ୍ଣବର୍ଣ୍ଣ ହୋଇଗଲେ । ତାଙ୍କ ସଖୀ କ୍ଷୁଧାପୀଡ଼ା ଶାନ୍ତ କରିବା ନିମନ୍ତେ କିଛି ଦ୍ରବ୍ୟ ଖାଇବା ନିମନ୍ତେ ମାଗିଲେ । ଦେବୀ ଅପେକ୍ଷା କର ବୋଲି କହିଲେ ।

କିଛି ସମୟ ଅପେକ୍ଷା କରିବା ପରେ ପୁଣି ମାଗିବାରୁ ଦେବୀ ପୁଣି ପ୍ରତୀକ୍ଷା କରିବା ନିମନ୍ତେ କହିଲେ । ପୁନଶ୍ଚ ଆଉ ଥରେ ମାଗିବାରୁ ଦେବୀ ପୁଣି ଅପେକ୍ଷା କରିବାକୁ କହିଲେ । ତା'ପରେ ସେହି ସଖୀମାନେ ବିନମ୍ର ସ୍ୱରରେ କହିଲେ ଶିଶୁମାନଙ୍କୁ ଭୋକ ଲାଗିଲେ ମାଆ ତୁରନ୍ତ ଭୋଜନ ପ୍ରଦାନ କରିଥାଏ । ତାଙ୍କର ଏହି ବଚନ ଶୁଣି କୃପାମୟୀ ନିଜ ସ୍କନ୍ଧରୁ ନିଜର ମସ୍ତକ କାଟିଦେଲେ । କଟା ମୁଣ୍ଡଟି ଆସି ଦେବୀଙ୍କର ବାମ ହସ୍ତରେ ରହିଗଲା ଏବଂ ସ୍କନ୍ଧରୁ ତିନିଗୋଟି ରୁଧିର ଧାରା ବାହାରିଲା । ସେହି ଦୁଇ ରୁଧିର ଧାରା ନିଜର ଦୁଇ ସଖୀଙ୍କ ନିକଟକୁ ପ୍ରବାହ କରିବାକୁ ଲାଗିଲେ । ଯାହାକୁ ପାନ କରି ସଖୀ ଦୁହେଁ ପ୍ରସନ୍ନ ହେଲେ ଏବଂ ତୃତୀୟ ଧାରା ଉପରକୁ ପ୍ରବାହ କଲେ ଏବଂ ଏହି ଧାରାକୁ ନିଜେ ପାନ କରିବାକୁ ଲାଗିଲେ । ସେବେଠାରୁ ଦେବୀଙ୍କର ନାମ ରହିଲା ଛିନ୍ନମସ୍ତା ।

## ଦେବୀ ଷୋଡ଼ଶୀ

ଷୋହଳ କଳାଦ୍ୱାରା ଦେବୀ ପରିପୂର୍ଣ୍ଣତା ଲାଭ କରିଥିବାରୁ ଦେବୀଙ୍କୁ ଷୋଡ଼ଶୀ କୁହାଯାଇଥାଏ । ଷୋଡ଼ଶୀ ମାହେଶ୍ୱରୀ ଶକ୍ତିର



ସବୁଠାରୁ ମନୋହର ଶ୍ରୀ ବିଗ୍ରହ ଭଳି ସିଦ୍ଧି ବିଦ୍ୟାଦେବୀ ହେଉଛନ୍ତି ଷୋଡ଼ଶୀ ଷୋହଳ ଅକ୍ଷର ମନ୍ତ୍ର ବିଶିଷ୍ଟ ଏହି ଦେବୀଙ୍କର ଅଙ୍ଗକାନ୍ତି ଉଦିତ ହେବା ସୂର୍ଯ୍ୟଙ୍କର ଆଲୋକ ଭଳି ଶୋଭା ପାଉଛି । ଷୋଡ଼ଶୀଦେବୀଙ୍କର ଚାରୋଟି ଭୁଜ ଏବଂ ତ୍ରିନେତ୍ର ରହିଅଛି । ସେ ଶାନ୍ତ ମୁଦ୍ରାରେ ଶୟନ ପୂର୍ବକ ଶିବଙ୍କ ଉପରେ ସ୍ଥିର ପଦ୍ମର ଆସନରେ ବିରାଜମାନ ହୋଇଛନ୍ତି । ମାତ ଷୋଡ଼ଶୀଙ୍କର ଚାରୋଟି ହସ୍ତରେ ପାଶ, ଅଙ୍କୁଶ, ଧନୁଶ ଏବଂ ସର ସୁଶୋଭିତ ହୋଇଥାଏ । ବରଦେବା ନିମନ୍ତେ ସର୍ବଦା ଭଗବତୀଙ୍କର ଶ୍ରୀବିଗ୍ରହ ସୌମ୍ୟ ଏବଂ ହୃଦୟ ଦୟାରେ ପରିପୂର୍ଣ୍ଣ ହୋଇଥାଏ । ଯେଉଁ ଭକ୍ତ ତାଙ୍କର ଆଶ୍ରୟ ଗ୍ରହଣ କରନ୍ତି, ଭକ୍ତ ଏବଂ ଈଶ୍ୱରଙ୍କ ମଧ୍ୟରେ କୌଣସି ଭେଦ ରହିନଥାଏ ।

## ଦେବୀ ଭୁବନେଶ୍ୱରୀ

ଆଦ୍ୟାଶକ୍ତି ଭଗବତୀ ଭୁବନେଶ୍ୱରୀ ଭଗବାନ ଶିବଙ୍କର ସମସ୍ତ ସଂସାର ସହଚରୀ ଏବଂ ଜଗତର ଆଦି କାରଣରୁ ସମସ୍ତ ଶକ୍ତି ଏବଂ ସମସ୍ତଙ୍କୁ ନାନା ପ୍ରକାରରେ ପୋଷଣ ପ୍ରଦାନ କରିଥାଆନ୍ତି । ଜଗଦମ୍ବା ଭୁବନେଶ୍ୱରୀଙ୍କ ସ୍ୱରୂପ ସୌମ୍ୟ ଏବଂ ଅଙ୍ଗକାନ୍ତି ଶୋଭା ପାଉଥାଏ । ଭକ୍ତଙ୍କର ଭକ୍ତି ମୁକ୍ତି ଏବଂ ସମସ୍ତ ସିଦ୍ଧି ପ୍ରଦାନ କରିବା ତାଙ୍କର ସ୍ୱାଭାବିକ ଗୁଣ ଅଟେ । ଶାସ୍ତ୍ରରେ ମାତାଙ୍କର ଅପାର ମହିମା ବର୍ଣ୍ଣନା କରାଯାଇଅଛି ।

## ଦେବୀ ତ୍ରିପୁରା ଭୈରବୀ

ସମସ୍ତ ଇନ୍ଦ୍ରିୟ ଉପରେ ବିଜୟ ଏବଂ ସବୁବେଳେ ଉତ୍କର୍ଷ ପ୍ରଦାନ କରିବାପାଇଁ ତ୍ରିପୁରା ଭୈରବୀଙ୍କର ଉପାସନାର ବିଧାନ

smarteduguide.com

ସେହି ସରୋବରରୁ ବାହାରି ପିତାମ୍ବରୀ ରୂପରେ ଦର୍ଶନ ଦେଲେ ଏବଂ ବଢୁଥିବା ଜଳ ଧାରା ଓ ବିଧ୍ୱଂସକାରୀ ଉତ୍ପାତକୁ ଅଟକାଇ ଦେଲେ । ସେବେଠାରୁ ସେଠାରେ ପିତାମ୍ବରୀ ବିଦ୍ୟା ନାମରେ ମାତା ପରିଚିତ ହେଲେ ।

## ଦେବୀ ମାତଙ୍ଗୀ

ଦେବୀ ମାତଙ୍ଗୀ ଶିବଙ୍କର ଶକ୍ତି ଶ୍ୟାମ ବର୍ଣ୍ଣ[illegible] ଏବଂ ଚନ୍ଦ୍ରମାଙ୍କୁ ମସ୍ତକରେ ଧାରଣ କରିଛନ୍ତି । ଏହି ତ୍ରିନେତ୍ର ରତ୍ନ[illegible]



smarteduguide.com



ଶାସ୍ତ୍ରରେ କୁହାଯାଇଅଛି । ଗଳାରେ ତାଙ୍କର ଉଦୟ ହୋଇ ସହସ୍ର ସୂର୍ଯ୍ୟଙ୍କ ସମାନ ସ୍ୱରୂପ କାନ୍ତି ସଦୃଶ ଏବଂ କ୍ଷୌମାମ୍ବର ଧାରିଣୀ ତଥା ଗଳାରେ ମୁଣ୍ଡମାଳ ପିନ୍ଧି ଅଛନ୍ତି । ଦେବୀଙ୍କର ତ୍ରିନେତ୍ର ଅଟେ । ତାହାଙ୍କର ମସ୍ତକରେ ଚନ୍ଦ୍ର ମୁକୁଟ ରହିଅଛି । ହସ୍ତରେ ମାଳ ଓ ବିଦ୍ୟା ବିରାଜମାନ କରୁଛି ।

## ଦେବୀ ଧୂମାବତୀ

ଥରେ ପାର୍ବତୀ ଶିବଙ୍କଠାରୁ ଭୋଜନ ଅଭିଳାଷା ମାଗିଲେ । ସେତେବେଳେ ଶିବ ଚୁପ୍ ରହିଗଲେ । ବହୁବାର ନିବେଦନ କରିବାପରେ ମଧ୍ୟ ଯେତେବେଳେ ଶିବ ପାର୍ବତୀଙ୍କ ଆଜ୍ଞାରେ ଧ୍ୟାନ ଦେଲେ ସେତେବେଳେ ଦେବୀ ଶିବଙ୍କୁ ଗିଳିଦେଲେ । ତାଙ୍କ ଶରୀରରୁ ଧୂମରାଶୀ ବହିବାକୁ ଲାଗିଲା । ସେତେବେଳେ ଶିବ ପାର୍ବତୀଙ୍କୁ କହିଲେ ତୁମର ଏହି ମନୋହର ମୂର୍ତ୍ତି ବଗଳା ଏବେ ଧୂମାବତୀ ବା ଧୂମ୍ରା କୁହାଯିବ । ଏହି ଧୂମାବତୀ ବୃଦ୍ଧା ଏବଂ ଭୟଙ୍କର ମୁଖ ଶ୍ୱାସ ଏବଂ ଶକ୍ତିମୟୀ ଅଟନ୍ତି ।

## ଦେବୀ ବଗଳାମୁଖୀ

ବଗଳାମୁଖୀଙ୍କର ସାଧନା ପ୍ରାୟ ଶତ୍ରୁମାନଙ୍କ ଠାରୁ ମୁକ୍ତି ନିମନ୍ତେ [illegible]ଯାଇଥାଏ । ତାଙ୍କର ଉପାସନାରେ ପୀତବସ୍ତ୍ର, ହରିଦ୍ରାମାଳ, ହରିଦ୍ରାସନ ଏବଂ ହରିଦ୍ରା ପୁଷ୍ପର ବିଧାନ ରହିଅଛି । କୁହାଯାଇଅଛି ଯେ ଥରେ ସତ୍ୟଯୁଗରେ ସଂପୂର୍ଣ୍ଣ ଜଗତକୁ ନଷ୍ଟ କରିବା ନିମନ୍ତେ ଗୋଟିଏ ଭୟଙ୍କର ତୋଫାନ ଆସିଲା । ସଂସାରର ପ୍ରାଣୀମାନଙ୍କ ଉପରେ ସଂକଟ ଆସିବା ଜାଣି ମହା ବିଷ୍ଣୁ ଚିନ୍ତିତ ହୋଇପଡ଼ିଲେ । ସେ ନିଜ ଦେଶରେ ହରିଦ୍ରା ସରୋବର ନିକଟକୁ ଯାଇ ଭଗବତୀଙ୍କୁ ପ୍ରସନ୍ନ କରିବା ନିମନ୍ତେ ତପ କରିଲେ । ଶ୍ରୀ ବିଦ୍ୟା

ବୈଶ୍ୟ କହିବାକୁ ଲାଗିଲା ମହାରାଜ ! ମୋର ନାମ ସମାଧି, ମୁଁ ଜାତିରେ ବୈଶ୍ୟ । ମୋର ଦୁଷ୍ଟ ପୁତ୍ରମାନେ ମୋର ଧନ ଛଡ଼ାଇ ମୋତେ ଘରୁ ବାହାର କରିଦେଲେ । ମୋତେ ନିଜର ସ୍ୱଜନ ଓ ସୁଜନମାନଙ୍କର ଉତ୍ତମ ସମାଚାର ମିଳୁନାହିଁ । ତେଣୁ ମୁଁ ଚିନ୍ତିତ ରହୁଅଛି । ଯଦ୍ୟପି ଧନର ଲୋଭୀ ମୋର ପୁତ୍ରମାନେ ମୋତେ ବାହାର କରିଦେଲେ । ତଥାପି ମୋର ଚିନ୍ତା ପୁତ୍ରଙ୍କ ମୋହରୁ ଛାଡ଼ିପାରୁ ନାହିଁ । ଏହିପରି କଥା କହି ଦୁହେଁ ଆଶ୍ରମ ଦିଗରେ ଆସିଲେ । ରାଜା ଋଷିଙ୍କ ଆଗରେ ବିନୀତ ଭାବରେ କହିଲେ— ଏହାର କାରଣ କଣ ଅଛି ଯେ ସେ ମୋର ସଂପୂର୍ଣ୍ଣ ରାଜ୍ୟ ଛିନ୍ନ ହେବା ପରେ ବି ଏ ପର୍ଯ୍ୟନ୍ତ ସେଥିରେ ମୋର ଆଶକ୍ତି ରହିଛି ଏବଂ ଏହି ଦଶା ଏହି ବୈଶ୍ୟର ମଧ ରହିଅଛି ? ଆପଣ ଆମକୁ ଉପଦେଶ ଦେଇ ଚିନ୍ତାରୁ ମୁକ୍ତି କରିଦିଅନ୍ତୁ । ମେଧା ଋଷି କହିଲେ ରାଜନ ମହାମାୟାଙ୍କର ବିଚିତ୍ର ଲୀଳାଦ୍ୱାରା ସମସ୍ତ ପ୍ରାଣୀ ମମତା ଏବଂ ମୋହର ଜାଲରେ ପଡ଼ିଅଛନ୍ତି ।

ମହାମାୟା ହରେଶ୍ଚୈ ତୟା ସମ୍ମୋହ୍ୟତି ଜଗତ୍ ଜ୍ଞାନୋନାମପି ।
ଚେତାଂସି ଦେବୀ ଭଗବତୀ ହେସା ॥
ବଳଦା କୃଷ୍ୟ ମୋହାୟ ମହାମାୟା ପ୍ରୟଚ୍ଛତି ।
ତୟା ବିସୃଜତେ ବିଶ୍ୱଂ ଜଗଦେତଶ୍ଚରାଚରମ୍ ॥

ଯେଉଁ ଦେବୀଙ୍କଦ୍ୱାରା ସଂପୂର୍ଣ୍ଣ ଜଗତ ମୋହିତ ହେଉଅଛି, ସେ ଭଗବାନ ବିଷ୍ଣୁଙ୍କର ମହାମାୟା ଅଟନ୍ତି । ସେହି ମହାମାୟା ଜ୍ଞାନୀମାନଙ୍କର ଚିନ୍ତାକୁ ବଳାତ୍କୃପ୍ରଣଦ୍ୱାରା ମୋହରେ ପକାଇ ଥାଆନ୍ତି । ତାଙ୍କଦ୍ୱାରା ଏହି ସଂପୂର୍ଣ୍ଣ ଚରାଚର ଜଗତ ରଚନା



ସିଂହାସନରେ ବିରାଜମାନ, ନୀଳ କମଳ ସମାନ କାନ୍ତିଭଳି ଏବଂ ରାକ୍ଷାସ ସମୂହ ରୂପ ଅର୍ପଣକୁ ଭସ୍ମ କରିଥାଆନ୍ତି । ଏହି ଦେବୀଙ୍କର ଚାରି ଗୋଟି ହସ୍ତରେ ପାଶ, ଖଡ୍ଗ ଏବଂ ଅଙ୍କୁଶ ରହିଅଛି । ଦେବୀ ଅସୁରମାନଙ୍କୁ ମୋହିତ କରୁଥିବା ଭକ୍ତଙ୍କୁ ଫଳ ଦେଇ ଥାଆନ୍ତି । ଗୃହସ୍ଥ ଜୀବନକୁ ସୁଖୀ କରିବା ନିମନ୍ତେ ପୁରୁଷାର୍ଥ ସିଦ୍ଧି ଏବଂ ଭୋଗ ବିଳାସରେ ପାରଙ୍ଗମ ହେବା ଲାଗି ମାତଙ୍ଗୀଙ୍କର ସାଧନକୁ ଶ୍ରେଷ୍ଠ କୁହାଯାଇଅଛି ।

## ଦେବୀ କମଳା

ଦେବୀ କମଳା ହେଉଛନ୍ତି ବୈଷ୍ଣବୀ ଶକ୍ତି ଏବଂ ମହା ବିଷ୍ଣୁଙ୍କର ଲୀଳା ବିକାଶର ସହଚରୀ ଅଟନ୍ତି । କମଳା ଦେବୀଙ୍କର ଉପାସନା ବାସ୍ତବରେ ଜଗତଧାରା ଶକ୍ତିଙ୍କର ଉପାସନା ଅଟେ । ତାଙ୍କର କୃପା ନହେଲେ ପ୍ରାଣୀମାନଙ୍କୁ ଅର୍ଥ ଅଭାବର ସମ୍ମୁଖୀନ ହେବାକୁ ହୋଇଥାଏ । ମାନବ ଦାନବ ଏବଂ ଦେବତା ଦେବୀଙ୍କର କୃପା ବିନା ଅସମ୍ପୂର୍ଣ୍ଣ ଅଟେ । ଏହିଭଳି ଦେବୀଙ୍କର ଚେତନା ଶକ୍ତିର ମହାକାଳୀ, ମହାଲକ୍ଷ୍ମୀ ଏବଂ ମହା ସରସ୍ୱତୀଙ୍କର ବର୍ଣ୍ଣନା କରାଯାଇଅଛି । ସ୍ୱାରୋଚିଷ ମନ୍ୱନ୍ତରରେ ଚକ୍ରବର୍ତୀ ରାଜା ସୁରଥଙ୍କର ରାଜ୍ୟରେ ତାହାଙ୍କର ଶତ୍ରୁମାନେ ଆକ୍ରମଣ କରିଥିଲେ । ତଦନୁସାରେ ବନସ୍ତକୁ ଯାଇ ମେଧା ଋଷିଙ୍କର ଆଶ୍ରମରେ ରହିଲେ । ସେଠାରେ ମଧ ରାତ୍ରଦିନ ତାଙ୍କର ରାଜ୍ୟର ଚିନ୍ତା ଲାଗି ରହିଲା । ଥରେ ଆଶ୍ରମ ନିକଟରେ ବୁଲୁଥିଲେ । ତାଙ୍କର ଦୃଷ୍ଟି ଗୋଟିଏ ବୈଶ୍ୟ ଉପରେ ପଡ଼ିଲା । ତାଙ୍କୁ ଉଦାସ ହେବା ଦେଖି ରାଜା ପଚାରିଲେ ତୁମେ କିଏ ଏବଂ ଏଠାରେ କେଉଁ କାରଣରୁ ଆସିଛ ? ରାଜାଙ୍କର ବଚନ ଶୁଣି

smarteduguide.com

କରାଯାଇଅଛି । ସେ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି, ତାଙ୍କୁ ମୁକ୍ତି ପ୍ରଦାନ କରନ୍ତି ଏବଂ ସେହି ସଂସାରର ବନ୍ଧନର ହେତୁ ଅଟନ୍ତି ମଧ୍ୟ । ଜୀବଙ୍କର ମୁକ୍ତିପାଇଁ ସନାତନୀ ପରା ବିଦ୍ୟା ମଧ୍ୟ ସେ ଅଟନ୍ତି ।

ରାଜା ପଚାରିଲେ, ମହାରାଜା ଯାହାର ଆପଣ ବର୍ଣ୍ଣନା କରୁଅଛନ୍ତି ସେହି ମହାମାୟା ଦେବୀ କିଏ ? ଏବଂ କିପରି ଉତ୍ପନ୍ନ ହୋଇ ଅଛନ୍ତି, ତାଙ୍କର ଗୁଣ କର୍ମ ପ୍ରଭାବ ଏବଂ ସ୍ୱରୂପ କେଉଁପରି ? ଋଷି କହିଲେ– ସେ ଦେବୀ ନିତ୍ୟା ଅଟନ୍ତି । ସାରା ଜଗତ ତାହାଙ୍କର ମୂର୍ତ୍ତି ଅଟନ୍ତି, ତାଙ୍କଦ୍ୱାରା ଏଠାରେ ଚରାଚର ଜଗତ ବ୍ୟାପୀ ହୋଇଛି । ତଥାପି ଦେବ କାର୍ଯ୍ୟ କରିବା ନିମନ୍ତେ ଦେବୀ ଏହିପରି ଭାବରେ ପ୍ରକଟ ହୋଇଥାଆନ୍ତି । ଋଷି କହିଲେ ହେ ରାଜନ ! ମୁଁ ତୁମକୁ ମହାମାୟାଙ୍କର କଥା କହୁଅଛି ଶୁଣ ।

❋

## ମହାକାଳୀଙ୍କର ଉତ୍ପତ୍ତି

ଜଗତର ପ୍ରଳୟ ହେବାପରେ ସଂପୂର୍ଣ୍ଣ ସଂସାର ଜଳମଗ୍ନ ହୋଇଗଲା । ସେତେବେଳେ ଭଗବାନବିଷ୍ଣୁ ନିଜ-ରାଜ୍ୟରେ ଯୋଗନିଦ୍ରାଦ୍ୱାରା ମଗ୍ନ ଥାଆନ୍ତି । ସେତେବେଳେ ତାଙ୍କର କର୍ଣ୍ଣ ମଳୁଅରୁ ଉତ୍ପତ୍ତି ହୋଇଥିବା ମଧୁ ଓ କୈଟଭ ନାମକ ଦୁଇଜଣ ଭୟଙ୍କର ରାକ୍ଷାସ ବ୍ରହ୍ମାଙ୍କୁ ମାରିବା ନିମନ୍ତେ ପ୍ରସ୍ତୁତ ହୋଇଗଲେ । ଭଗବାନ୍‌ଙ୍କର ନାଭିକମଳରୁ ସ୍ଥିତ ପ୍ରଜାପତି ବ୍ରହ୍ମା ଅସୁରଙ୍କୁ ଦେଖି ଭଗବାନ୍‌ଙ୍କୁ ଉଠାଇବା ନିମନ୍ତେ ପ୍ରାର୍ଥନା କଲେ ।

ହେ ଦେବୀ, ତୁମେତ ଏହି ଜଗତର ଉତ୍ପତ୍ତି, ସ୍ଥିତି ଏବଂ ସଂସାର ଗଢ଼ିଛନ୍ତି, ତୁମେ ହିଁ ମହାବିଦ୍ୟା, ମହାମାୟା, ମହାମେଧ,



ମହାସ୍ମୃତି, ମହାମୋହ ସ୍ୱରୂପା ଅଟନ୍ତି । ଦାରୁଣ କାଳରାତ୍ରି ମହାରାତ୍ରି ଏବଂ ମୋହରାତ୍ରି ମଧ୍ୟ ତୁମେ ଅଟ । ତୁମେ ଜଗତର ଉତ୍ପତ୍ତି ଏବଂ



ଲୟ କରିବା ନିମନ୍ତେ ସାକ୍ଷାତ ଭଗବାନ୍ ବିଷ୍ଣୁଙ୍କୁଭି ଯୋଗନିଦ୍ରାରେ ବନ୍ଧ କରିଦେଇଛ ଏବଂ ବିଷ୍ଣୁ ଶଙ୍କର ଏବଂ ମୁଁ ବ୍ରହ୍ମା ଶରୀର ଗ୍ରହଣ କରିବା ଲାଗି ବାଧ୍ୟ ହୋଇଥିଲୁ ।

ହେ ଦେବୀ ! ନିଜର ପ୍ରଭାବରେ ଏହି ଅସୁରମାନଙ୍କୁ ମୋହିତ କର ଏବଂ ମାରିବା ନିମନ୍ତେ ଭଗବାନ୍‌ଙ୍କୁ ନିଦ୍ରାରୁ ଉଠାଅ । ବ୍ରହ୍ମାଙ୍କ

smarteduguide.com

ଦ୍ୱାରା ଏହିପରି ସ୍ତୁତି କରିବାଦ୍ୱାରା ମହାମାୟା ଭଗବତୀ ଭଗବାନଙ୍କର ନେତ୍ର ମୁଖ ନାସିକା ବାହୁ ହୃଦୟ ବାହାରି ପ୍ରତ୍ୟକ୍ଷ ପ୍ରକଟ ହେଲେ । ଭଗବାନ୍ ମଧ ଉଠିଗଲେ ଏବଂ ଦେଖିଲେ ଦୁଇଜଣ ଭୟଙ୍କର ରାକ୍ଷାସ ବ୍ରହ୍ମାଙ୍କୁ ଖାଇବାପାଇଁ ଉଦ୍ୟମ କରିବାରେ ଲାଗିଛନ୍ତି । ବ୍ରହ୍ମାଙ୍କ ରକ୍ଷା ନିମନ୍ତେ ଯୁଦ୍ଧ କରିବାକୁ ଲାଗିଲେ । ଯୁଦ୍ଧ କରୁ କରୁ ଏହିପରି ପାଞ୍ଚ ହଜାର ବର୍ଷ ବିତିଗଲା । ପରନ୍ତୁ ରାକ୍ଷାସମାନେ ମରିଲେ ନାହିଁ । ସେତେବେଳେ ମହାମାୟା ସେହି ରାକ୍ଷାସଙ୍କର ବୁଦ୍ଧିକୁ ମୋହିତ କରିଦେଲେ । ଯେଉଁଥିରେ ସେ ଅଭିମାନ ପୂର୍ବକ ଭଗବାନଙ୍କୁ କହିବାକୁ ଲାଗିଲେ । ଆମେ ତୁମର ଯୁଦ୍ଧରେ ଅତ୍ୟନ୍ତ ପ୍ରସନ୍ନ ହୋଇଛୁ । ଏଣୁ ତୁମେ ଇଚ୍ଛାନୁସାରେ ବର ମାଗ । ଭଗବାନ କହିଲେ, ମୋତେ ଏହି ବର ଦିଅ, ଯେ ତୁମେ ଦୁହେଁ ମୋଦ୍ୱାରା ମୃତ୍ୟୁ ପ୍ରାପ୍ତ ହେବ । ମଧୁ କୈଟଭଙ୍କୁ ତଥାସ୍ତୁ କହିଲେ ଓ ଏହାପରେ କହିଲେ– ଯେଉଁଠାରେ ପୃଥିବୀ ଜଳଦ୍ୱାରା ଢାଙ୍କି ହୋଇଥିବ ସେଠାରେ ଆମକୁ ମାରିବେ ନାହିଁ । ଶେଷରେ ଭଗବାନ୍ ବିଷ୍ଣୁ ସେମାନଙ୍କର ଶିରକୁ ନିଜ ଜଂଘ ଉପରେ ରଖି ଚକ୍ରଦ୍ୱାରା କାଟିଦେଲେ । ଏହି ପ୍ରକାରରେ ଦେବକାର୍ଯ୍ୟ ସିଦ୍ଧ କରିବା ଲାଗି ଏହି ସଚ୍ଚିଦାନନ୍ଦ ରୂପିଣୀ ମହା କାଳୀଙ୍କର ରୂପ ଧାରଣ କଲେ ।

❋

## ମହାଲକ୍ଷ୍ମୀଙ୍କର ଉତ୍ପତ୍ତି

ଥରେ ଦେବତା ଏବଂ ଦାନବଙ୍କ ମଧ୍ୟରେ ଶହେ ବର୍ଷ ଧରି ଯୁଦ୍ଧ ଲାଗିଲା । ଦେବତାମାନଙ୍କ ରାଜା ଇନ୍ଦ୍ର ଥିଲେ ଏବଂ ଦାନବମାନଙ୍କର ରାଜା ଥିଲା ମହିଷାସୁର । ଇନ୍ଦ୍ରଙ୍କୁ ପରାଜିତ କରି



ମହିଷାସୁର ନିଜେ ଇନ୍ଦ୍ରଙ୍କର ଆସନକୁ ନିଜ ଆୟତକୁ ନେଇଗଲା । ସଂପୂର୍ଣ୍ଣ ଦେବଗଣ ବ୍ରହ୍ମାଜୀଙ୍କୁ ନେଇ ଭଗବାନ୍ ବିଷ୍ଣୁ ଏବଂ ଶଙ୍କରଙ୍କ



ପାଖକୁ ଗଲେ ଏବଂ ତାଙ୍କର ବିପଦ କଥା ଶୁଣାଇଲେ । ଦେବତାମାନଙ୍କର ଅସୁବିଧା ଶୁଣି ଭଗବାନ୍ ବିଷ୍ଣୁ ଏବଂ ଶଙ୍କରଙ୍କର ଏଥିରେ ଭୟ ହୋଇଥିଲା । ତାଙ୍କର ଶରୀରରୁ ଏକ ମହାନ ତେଜ ବାହାରିଲା ଏବଂ ଏକତ୍ରିତ ହୋଇ ପ୍ରଜ୍ୱଳିତ ପର୍ବତ ଭଳି ସଂପୂର୍ଣ୍ଣ ଦିଗକୁ ଆଲୋକିତ କରୁଥିବା ନାରୀ ରୂପ ହୋଇଗଲେ । ସେହି ଭଗବତୀଙ୍କୁ ଦେଖି ସବୁ ଦେବତା ପ୍ରସନ୍ନ ହେଲେ ଏବଂ ତାଙ୍କ ନିଜ ନିଜର ଅସ୍ତ୍ରମାନ ପ୍ରଦାନ କରିଲେ । ସେତେବେଳେ ଦେବୀ ଅଟ୍ଟହାସ କଲେ, ଜୟ ଧ୍ୱନି କଲେ ଏବଂ ମୁନିଗଣ ବନ୍ଦନା ଗାନ କରିବାକୁ ଲାଗିଲେ । ଏପରି

smarteduguide.com

ଗର୍ଜନ ଶୁଣିପାରି ମହିଷାସୁର କ୍ରୋଧହୋଇ ଦାନବ ସେନା ଧରି ଦେବ ଲୋକକୁ ଆସିଲା । ଅସୁରମାନେ ଦେବୀଙ୍କ ସହିତ ଭୟଙ୍କର ଯୁଦ୍ଧ କଲେ । ଯୁଦ୍ଧରେ ସମସ୍ତ ଦାନବ ସେନା ମରିଗଲେ । ମହିଷାସୁର ମଧ ସେହିଭଳି ଅନେକ ମାୟା କରି ଥକିଗଲା । ଶେଷରେ ମହାଲକ୍ଷ୍ମୀଙ୍କଦ୍ୱାରା ହତ ହେଲା । ପୁଣି ଦେବତାମାନେ ମହାଲକ୍ଷ୍ମୀଙ୍କୁ ବିଭିନ୍ନ ଭାବରେ ବନ୍ଦନା କରିବାକୁ ଲାଗିଲେ ।

## ମହାସରସ୍ୱତୀଙ୍କ ଉତ୍ପତ୍ତି

ମେଧା ଋଷି ପୁଣି ରାଜା ସୁରଥ ଏବଂ ସମାଧି ବୈଶ୍ୟଙ୍କୁ ସରସ୍ୱତୀଙ୍କର ଉତ୍ପତ୍ତି କଥା ଶୁଣାଇଲେ । କହିଲେ— ପୂର୍ବକାଳରେ





ଶୁମ୍ଭ ଏବଂ ନିଶୁମ୍ଭ ଇନ୍ଦ୍ରାଦି ଦେବତାମାନଙ୍କର ସଂପୂର୍ଣ୍ଣ ଅଧିକାରକୁ ଛିନ୍ନ କରିଦେଲେ । ନିଜର ଅଧିକାରକୁ ପ୍ରାପ୍ତ କରିବା ନିମନ୍ତେ ଦେବଗଣ ହିମାଳୟ ପର୍ବତକୁ ଯାଇ ଦେବୀ ଭଗବତୀଙ୍କୁ ବନ୍ଦନା କରିଲେ । ସେହି ସମୟରେ ପତିତ ପାବନ ପାର୍ବତୀ ଆସିଲେ ଏବଂ ତାଙ୍କ ଶରୀରରୁ ଶିବା ପ୍ରକଟ ହେଲେ । ସରସ୍ୱତୀ ଦେବୀ ପାର୍ବତୀଙ୍କର ଶରୀର କୋଷରୁ ବାହାରିଥିଲେ । ସେଥିଲାଗି ତାଙ୍କର କୌଷିକୀ ନାମରେ ପ୍ରସିଦ୍ଧ ହେଲା । କୌଷିକୀ ବାହାରିଯିବା ପରେ ପାର୍ବତୀଙ୍କର ଶରୀର କଳା ପଡ଼ିଗଲା । ସେଥିଲାଗି ଏହି ରୂପରେ ତାଙ୍କୁ କାଳିକା କୁହାଗଲା । ସେହି ଅନୁସାରେ କୌଷିକୀ ପରମ ସୁନ୍ଦର ରୂପ ଧାରଣ କରିବସିଲେ । ସେହି ସମୟକୁ ତାଙ୍କୁ ଚଣ୍ଡ ମୁଣ୍ଡ ନାମକ ଶୁମ୍ଭ ନିଶୁମ୍ଭଙ୍କର ଦୂତ ଦେଖିନେଲା । ସେ ଯାଇ ଶୁମ୍ଭ ନିଶୁମ୍ଭଙ୍କୁ କହିଲେ— ହେ ଦାନବ ଏହି ହିମାଳୟ ଉପରେ ଜଣେ ଅତି ଲାବଣ୍ୟବତୀ ପରମ ମନୋହରକାରିଣୀ ବସିଥିବାର ଦେଖିଲୁ । ସେପରି କାହାର କମନୀୟ ରୂପ ଅଦ୍ୟାଏ ନେତ୍ରରେ ଆମ୍ଭେ ଦେଖି ନଥିଲୁ । ଆପଣ ଯାଇ ସେହି ନାରୀଙ୍କୁ ପ୍ରାପ୍ତ ହୁଅନ୍ତୁ, ନିଜର ସୁଗ୍ରୀବ ନାମକ ଦୂତଦ୍ୱାରା ସେହି ଦେବୀଙ୍କୁ ଆଣିବାକୁ କହିଲେ । ଦୂତ ଯାଇ ଦେବୀଙ୍କୁ ଶୁମ୍ଭ ନିଶୁମ୍ଭଙ୍କର ସନ୍ଦେଶ ଶୁଣାଇ କହିଲେ । ତାପରେ ଦେବୀ କହିଲେ—

"ଯୋ ମାଂ ଜୟତେ ସଂଗ୍ରାମେ ଯୋମେ ଦର୍ପବ୍ୟାପିହତଂ,
ଯୋମେ ପ୍ରତିବଲୋ ଲୋକେ ସମେଭର୍ତ୍ତା ଭବିଷ୍ୟତେ ।"

ଅର୍ଥାତ— ଯିଏ ମୋତେ ଯୁଦ୍ଧରେ ଜିତିବ ସେହି ମୋର ପତି ହେବ । ଦୂତ ଯାଇ ଏହି ସଂଦେଶ ଶୁମ୍ଭ ନିଶୁମ୍ଭଙ୍କୁ କହିଲେ । ସେ ନିଜର

smarteduguide.com

ସେନାପତି ଧୂମ୍ରଲୋଚନଙ୍କୁ ଦେବୀଙ୍କ ସହିତ ଯୁଦ୍ଧ କରିବା ଲାଗି ପଠାଇଲେ । ପରନ୍ତୁ ଦେବୀ ତା'ର ସେନାପତିକୁ ବଧ କରିଦେଲେ ।



ଏହିପରି ଚଣ୍ଡ ଏବଂ ମୁଣ୍ଡଙ୍କୁ ମଧ ଦେବୀ ମାରିଦେଲେ । ସେତେବେଳେ କ୍ରୋଧକରି ଶୁମ୍ଭ ନିଶୁମ୍ଭ ସମସ୍ତ ସୈନ୍ୟ ନେଇ ଦେବୀଙ୍କୁ ଘେରିରହିଲେ ।

ଏହାପରେ ଭଗବତୀ ଘଣ୍ଟ ଧ୍ୱନି କଲେ । ଯେଉଁଥିରେ ସଂପୂର୍ଣ୍ଣ ଦିଗ କମ୍ପି ଉଠିଲା । ସେହି ସମୟରେ ବ୍ରହ୍ମା ବିଷ୍ଣୁ ଶିବ କାର୍ତ୍ତିକେୟ



ଏବଂ ଇନ୍ଦ୍ରାଦିଙ୍କର ଶରୀରରୁ ଶକ୍ତି ବାହାରି ଚଣ୍ଡିକାଙ୍କର ପାଖକୁ ଆସିଲା । ସେହି ଦେବୀ ଯାହାଙ୍କ ଶକ୍ତି ଥିଲା ତାଙ୍କର ଶକ୍ତିର ଅନୁରୂପ ଦେବୀଙ୍କର ସ୍ୱରୂପ, ଭୂଷଣ ଏବଂ ବାହାନ ମଧ ଥିଲା । ସେହି ଶକ୍ତିମାନଙ୍କ ମଧରେ ନିଜେ ଶିବ ଆସିଲେ ଏବଂ ଦେବୀଙ୍କୁ କହିଲେ— ମୋତେ ପ୍ରସନ୍ନ କରିବା ଲାଗି ସଂପୂର୍ଣ୍ଣ ଦାନବଙ୍କର ସଂହାର କରିବାକୁ ହେବ । ସେତେବେଳେ ଦେବୀଙ୍କ ଶରୀରରୁ ଅତି ଭୀଷଣ ଚଣ୍ଡିକା ପ୍ରକଟ ହେଲେ ଏବଂ ଶିବଙ୍କୁ କହିଲେ— ହେ ଭଗବାନ ! ଆପଣ ମୋର ଦୂତ ହୋଇ ଦାନବମାନଙ୍କର ପାଖକୁ ଯାଆନ୍ତୁ ଏବଂ ତାଙ୍କୁ କୁହନ୍ତୁ ଯେ ଯଦି ତୁମେ ବଞ୍ଚିବା ନିମନ୍ତେ ଇଚ୍ଛା କରୁଛ ତାହା ହେଲେ ତ୍ରୈଲୋକ୍ୟ ରାଜ୍ୟ ଇନ୍ଦ୍ରଙ୍କୁ ସମର୍ପଣ କର ଓ ପାତାଳ ପୁରକୁ ଚାଲିଯାଅ । ଏହି ଭାବରେ ଶିବ ଶୁମ୍ଭ ନିଶୁମ୍ଭଙ୍କୁ ଦେବୀଙ୍କର ଏହିପରି ଆଜ୍ଞା ଶୁଣାଇଲେ । କିନ୍ତୁ ବଳରେ ଗର୍ବିତ ଦାନବ ତାହା ମାନିଲା ନାହିଁ । ଏହି ସ୍ୱରୂପ ଦେବୀ ଏବଂ ଦାନବମାନଙ୍କ ମଧରେ ଯୁଦ୍ଧ ଆରମ୍ଭ ହେଲା । ଶକ୍ତିଦ୍ୱାରା ଆହତ ହୋଇ ଦାନବର ଶକ୍ତି କମିବାକୁ ଲାଗିଲା । ସେତେବେଳେ କ୍ରୋଧିତ ହୋଇ ରକ୍ତବୀଜ ଯୁଦ୍ଧଭୂମିକୁ ତା'ର ସୈନ୍ୟବଳଙ୍କୁ ଧରି ଆସିଲା । ଏହ ଦାନବର ରକ୍ତରୁ ଉତ୍ପତି ହେଉଥିବା ଦାନବସମୂହଙ୍କଦ୍ୱାରା ଯୁଦ୍ଧଭୂମି ପୂର୍ଣ୍ଣ ହୋଇଗଲା । ଯେଉଁଥିରେ ଦେବଗଣ ଭୟକଲେ । ସେତେବେଳେ ଚଣ୍ଡିକା କାଳିଙ୍କୁ କହିଲେ ଯେ ତୁମେ ତୁମର ମୁଖ ଖୋଲି ରକ୍ତବୀଜର ଶରୀରରୁ ବାହାରୁଥିବା ରକ୍ତକୁ ପାନକର । ପୁଣି ଦେବୀ ରକ୍ତବୀଜ ଉପରେ ତ୍ରିଶୂଳଦ୍ୱାରା ପ୍ରଚଣ୍ଡ ପ୍ରହାର କଲେ । ସେଥିରୁ ଯେଉଁ ରକ୍ତ ବାହାରିଲା ସେ ରକ୍ତକୁ କାଳୀ

smarteduguide.com

ପିଇବାକୁ ଲାଗିଲେ । ରକ୍ତ କ୍ଷୀଣ ହୋଇଯିବା ପରେ ଦାନବ ଦେବୀଙ୍କ ପ୍ରହାରରେ ଧରାଶାୟୀ ହୋଇଗଲା । ତାପରେ ଶୁମ୍ଭ ନିଶୁମ୍ଭ ମଧ୍ୟ ଯୁଦ୍ଧଭୂମିରେ ମରିଗଲେ । ଦେବଗଣ ଆନନ୍ଦରେ ଦେବୀଙ୍କର ଜୟ ଜୟକାର କରିବାକୁ ଲାଗିଲେ । ଏହି ଭାବରେ ମା' ସରସ୍ୱତୀ ରୂପ ଧାରଣ କଲେ ।

ଭଗବତୀ ଦୁର୍ଗା ଏହି ସଂସାରର ସତ୍ତା ସଂପୂର୍ଣ୍ଣ ଏବଂ ସରସତା ପ୍ରଦାନ କରିଥାଆନ୍ତି । ଏହି ସାରା ସଂସାର ତାଙ୍କଠାରୁ ଉତ୍ପନ୍ନ ହୋଇ ତାଙ୍କଠାରେ ଲୀନ ହୋଇଥାଏ । ଯେଉଁଭଳି ଆମେ କୌଣସି ଜିନିଷ ଦର୍ପଣ ଆଗରେ ଦେଖି ତାକୁ ସ୍ପର୍ଶକଲେ ତାହାର ସ୍ପର୍ଶର ଅନୁଭୂତ ହୋଇଥାଏ, ସେହିଭଳି ଏଠାରେ ସାରା ସଂସାର ଦେବୀ ଦୁର୍ଗାଙ୍କ ଠାରେ ସମାବିଷ୍ଟ ହେବାଦ୍ୱାରା ମଧ୍ୟ ଆମେ ଏହି ସଂସାରକୁ ସଂପୂର୍ଣ୍ଣ ଭାବରେ ଭିନ୍ନ ଭାବରେ ଦେଖିଥାଉ । ଶାସ୍ତ୍ର କହିଥାଏ ଶିବ ଏବଂ ବିଷ୍ଣୁ ଏହି ଶକ୍ତିଦ୍ୱାରା ପ୍ରକଟ ହୋଇଥାଆନ୍ତି ଏବଂ ସଂସାରକୁ ପାଳନ ଏବଂ ସଂହାର କରିଥାଆନ୍ତି । ଏହି ଦୁର୍ଗାଙ୍କର ଶକ୍ତିଦ୍ୱାରା ବ୍ରହ୍ମା ଆଦି ଦେବତାମାନଙ୍କ ସୃଷ୍ଟି ହୋଇଥାଏ । ଦୟା, କ୍ଷମା, ନିଦ୍ରା, ସ୍ମୃତି, କ୍ଷୁଧା, ତୃଷା, ତୃପ୍ତି, ଶ୍ରଦ୍ଧା, ଭକ୍ତି, ଧୃତି, ମତି, ତୁଷ୍ଟି, ପୁଷ୍ଟି, ଶାନ୍ତି, କ୍ରାନ୍ତି ଆଦି ଶକ୍ତି ମଧ୍ୟରେ ଦୁର୍ଗା ଦେବୀ ବିରାଜମାନ ଅଛନ୍ତି । ଏହି ଦୁର୍ଗା ଗୋଲକ ବା ସ୍ୱର୍ଗରେ ଶ୍ରୀରାଧା, ପୃଥିବୀରେ ସୀତା, ଶ୍ରୀ ରସାତଳରେ ଲକ୍ଷ୍ମୀ ଭାବରେ ଆବିର୍ଭାବ ହୋଇଥାଆନ୍ତି । ଦୈତ୍ୟ ଏବଂ ଅଦୈତ୍ୟ ଦୁହିଁଙ୍କର ଏଥିରେ ସମାବେଶ ହୋଇଛି ।

❋



# ନବଦୁର୍ଗାଙ୍କର ନଅ ମୂର୍ତ୍ତି କଥା

ମାର୍କଣ୍ଡେୟ ପୁରାଣ ଅନୁସାରେ କଥିତ ଅଛି ଯେ ଦୁର୍ଗା ସପ୍ତ ସତୀରେ ଭଗବତୀ ଦୁର୍ଗାଙ୍କର ଗାନ ବର୍ଣ୍ଣନା କରାଯାଇ ଅଛି । ଯାହାକୁ ଶ୍ରଦ୍ଧା ଓ ବିଧି ପୂର୍ବକ ପାଠ କରିବାଦ୍ୱାରା ସମସ୍ତ ପ୍ରକାର ମନସ୍କାମନା ପୂର୍ଣ୍ଣ ହୋଇଥାଏ । ଏହାର ପାଠ କରିବାବାଲା ଶ୍ରଦ୍ଧାଳୁ ଭକ୍ତଗଣ କବଚ କୀଳକର ପାଠକରିବା ସପ୍ତ ସତୀଙ୍କର ପାଠ କରିବା ସହିତ ସମାନ ଅଟେ । ତେଣୁ ଏହାକୁ ହିଁ ମହତ୍ତ୍ୱପୂର୍ଣ୍ଣ ମାନାଯାଇଅଛି । ସମସ୍ତ ପ୍ରକାରର ଲକ୍ଷ୍ୟ ନିମନ୍ତେ ଶ୍ରୀ ଚଣ୍ଡୀ କବଚ ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହି କବଚ ଅନୁସାରେ ବ୍ରହ୍ମା ନିଜେ ଋଷି ମାର୍କଣ୍ଡେୟଙ୍କୁ କହୁଛନ୍ତି ଦେବୀଙ୍କର ନଅଟି ମୂର୍ତ୍ତି ରହିଛି । ଯାହାକୁ ନବଦୁର୍ଗା କୁହାଯାଇଥାଏ । ଏହି ନାମ ନିମ୍ନୋକ୍ତ ପ୍ରକାର ହୋଇଥାଏ ।

ପ୍ରଥମଂ ଶୈଳ ପୁତ୍ରୀଚ ଦ୍ୱିତୀୟଂ ବ୍ରହ୍ମଚାରିଣୀ ।
ତୃତୀୟଂ ଚନ୍ଦ୍ରଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍ ॥
ପଞ୍ଚମଂ ସ୍କନ୍ଦମାତେତୀ ଷଷ୍ଠେଂ କାତ୍ୟାୟନୀତି ।
ସପ୍ତମଂ କାଳରାତ୍ରୀତି ମହାଗୌରୀତେ ଚାଷ୍ଟମମ୍
ନବମଂ ସିଦ୍ଧିଦାତ୍ରୀଚ ନବଦୁର୍ଗାଃ ପ୍ରକୀର୍ତ୍ତିତତାଃ ।

ନବଦୁର୍ଗାଙ୍କର ସର୍ବପ୍ରଥମ ନାମ ଶୈଳ ପୁତ୍ରୀ ରହିଅଛି । ଯାହା ଗିରିରାଜ ହିମାଳୟଙ୍କର ( ପାର୍ବତୀ ଦେବୀ ) ଅଟନ୍ତି ସମସ୍ତ ସଂସାରର ଅଧିଶ୍ୱରୀ । ଶୈଳପୁତ୍ରୀ ତପସ୍ୟାଦ୍ୱାରା ହିମାଳୟ ରାଜାଙ୍କର ପୁତ୍ରୀ ହେବା ନିମନ୍ତେ ସ୍ୱୀକାର କରିଥିଲେ । ସଚ୍ଚିଦାନନ୍ଦମୟ ବ୍ରହ୍ମା

smarteduguide.com

ସ୍ୱରୂପଙ୍କର ପ୍ରାପ୍ତିର ସ୍ୱଭାବ ବୁଝିବା ଲାଗି ଦେବୀ ବ୍ରହ୍ମଚାରିଣୀ ଅଟନ୍ତି । ଦେବୀ ଚନ୍ଦ୍ରଘଣ୍ଟା ତୃତୀୟ ଦେବୀ ଅଟନ୍ତି, ଯାହାଙ୍କର ଘଣ୍ଟାରେ ଚନ୍ଦ୍ରମା ସ୍ୱୟଂ ସ୍ଥିତ ହୋଇ ରହିଅଛନ୍ତି । କୁଷ୍ମାଣ୍ଡ ଦେବୀ ଯାହାଙ୍କର ଉଦରରେ ତିନି ପ୍ରକାରର ତପୋବାଲା ସଂସାର ବସିଅଛି । ଏହି ଦେବୀ ଚତୁର୍ଥ ଦେବୀ ଅଟନ୍ତି । ସନତ ସନାତନ ସନତ୍‌କୁମାରଙ୍କର ନାମ ସ୍କନ୍ଦ ରହିଅଛି । ସ୍କନ୍ଦଙ୍କର ମାତା ହେବା କାରଣ ସ୍କନ୍ଦ ଦୁର୍ଗାମାତା ହେଉଛନ୍ତି ପଞ୍ଚମ । ଦେବତାମାନଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ନିମନ୍ତେ ଋଷି କାତ୍ୟାୟନ ଆଶ୍ରମରେ ପ୍ରକଟ କାତ୍ୟାୟନୀ ଦୁର୍ଗା ମାତା ହେଉଛନ୍ତି ଷଷ୍ଠ । କାଳରାତ୍ରର ନାଶନ ନିମନ୍ତେ କାଳର ରାତ୍ରୀ ଦେବୀ ଦୁର୍ଗା କାଳରାତ୍ରି ସପ୍ତମ ଅଟନ୍ତି । ନିଜର ତପରୁ ଗୌରବର୍ଣ୍ଣ ପାଇଥିବା ଦୁର୍ଗା ଅଷ୍ଟମ ଅଟନ୍ତି । ନବମ ଦୁର୍ଗାଙ୍କର ସିଦ୍ଧି ଅର୍ଥାତ ମୋକ୍ଷ କାରଣରୁ ସିଦ୍ଧି ଦେବା ନିମନ୍ତେ କୁହାଯାଇଅଛି ।

ନବ ଦୁର୍ଗାଙ୍କର ପୂଜାର୍ଚ୍ଚନା ନଅ ଦିନ ପର୍ଯ୍ୟନ୍ତ ହୋଇଥାଏ । ଦୁର୍ଗାଙ୍କର ଏହି ନଅ ନାମକୁ ସର୍ବଦା ମହାତ୍ମାମାନେ ପ୍ରତିପାଳନ କରିଥାଆନ୍ତି । ସନାତନ ଧର୍ମାବଲମ୍ବୀ ଓ ଶ୍ରଦ୍ଧାଳୁ ଜନମାନଙ୍କର ସର୍ବମାନ୍ୟ ଶକ୍ତିଙ୍କ ପରିଚୟ ଏଠାରେ ବହୁତ ମହତ୍ତ୍ୱପୂର୍ଣ୍ଣ ରହିଅଛି । ମାର୍କଣ୍ଡେୟ ପୁରାଣ ବ୍ରହ୍ମାପୁରାଣ ତଥା ଧାର୍ମିକ ଗ୍ରନ୍ଥଦ୍ୱାରା ସ୍ତୁତି ଏହି ଦୁର୍ଗା ଶକ୍ତିଙ୍କର ପରିଚୟ ଶ୍ରଦ୍ଧାଳୁ ଭକ୍ତମାନଙ୍କପାଇଁ କଳ୍ପବୃକ୍ଷ ସମାନ ମାନାଯାଇଅଛି । ଏଠାରେ ଆଶା କରୁଥିବା ଭକ୍ତମାନଙ୍କୁ ମନୋବାଞ୍ଛିତ ଫଳ ଦେବା ଲାଗି ରହିଅଛନ୍ତି ।



ଆଶ୍ୱିନ ମାସର ନବରାତ୍ରରେ ଭଗବତୀଙ୍କର ପୂଜାର୍ଚ୍ଚନାମାନ କରାଯାଇଥାଏ । ଅନେକ ଭକ୍ତଙ୍କଦ୍ୱାରା ଆଷାଢ଼ ଏବଂ ମାଘ ମାସରେ ମଧ ଦେବୀ ଦୁର୍ଗାଙ୍କର ପୂଜା ନଅଦିନ ଯାଏଁ ଅତ୍ୟନ୍ତ ଶ୍ରଦ୍ଧା ଭାବରେ କରାଯାଇଥାଏ । ଅନେକ ଶ୍ରଦ୍ଧାଳୁ ଭକ୍ତମାନେ ଭଗବତୀଙ୍କର ବିଶେଷ ଅର୍ଚ୍ଚନ ବନ୍ଦନା ପ୍ରତି ମାସର ଅଷ୍ଟମୀରେ କରିବାକୁ ହୋଇଥାଏ । ଦକ୍ଷିଣ ଭାରତରେ ଶୁକ୍ରବାର ଦିନଟି ଦେବୀଙ୍କର ସାମୂହିକ ପୂଜା କରାଯାଇଥାଏ; ଯେଉଁଥିରେ ଶ୍ରୀ ଲଳିତା ସହସ୍ରନାମ ସ୍ୱତନ୍ତ୍ର ପାଠ ମଧ କରାଯାଇଥାଏ । ବାସ୍ତବରେ ଏଠାରେ ସ୍ୱତନ୍ତ୍ର ଦୁର୍ଗାଙ୍କର ଆରାଧନା ହିଁ ସୂଚକ ଅଟେ ।

ନବରାତ୍ରର ପୂର୍ବର ଅନେକ ବିଶେଷ ସତ୍ତା ଦେଖାଯାଇଥାଏ । ସେଥି ମଧ୍ୟରୁ ଏକ ବିଶେଷ ସତ୍ତା ହେଉଛି ଏହି ପର୍ବଟି ଆଧାତ୍ମିକ ସମ୍ବଳ ଦେବା ସଙ୍ଗେ ସଙ୍ଗେ ଭୌତିକ ଆବଶ୍ୟକତାକୁ ମଧ ପୂର୍ଣ୍ଣ କରିବା ମଧ ଦେଖାଦେଇଥାଏ । ଆଶ୍ୱିନ ଏବଂ ଚୈତ୍ର ମାସରେ ନବରାତ୍ର ବ୍ରତ କରିବାଦ୍ୱାରା ଶ୍ରଦ୍ଧାଳୁ ଋତୁ ପରିବର୍ତ୍ତନ ଲାଗି ନିଜକୁ ପ୍ରସ୍ତୁତ କରିଥାଆନ୍ତି । ପ୍ରାକୃତିକ ଚିକିତ୍ସାର ସମର୍ଥକ ଯେଉଁ ମନୁ କହିଛନ୍ତି ଯେ ଉପବାସଦ୍ୱାରା ଶରୀର ଶୁଦ୍ଧି ହୋଇଯାଏ; ତେବେ ଋତୁ ପରିବର୍ତ୍ତନଦ୍ୱାରା ହେଉଥିବା ଶାରୀରିକ ବ୍ୟାଧିରୁ ମଧ ମୁକ୍ତି ମିଳିଥାଏ । ଶାରୀରିକ ଶୁଦ୍ଧି ଏବଂ ସବଳତାମାନ ଆଧାତ୍ମିକ ଚିନ୍ତାଦ୍ୱାରା ପ୍ରବୃତ୍ତ ହୋଇଥାଏ । ଏହି ପ୍ରକାର ମା' ଦୁର୍ଗାଙ୍କର ମହାକାଳୀ, ମହାଲକ୍ଷ୍ମୀ, ମା' ସରସ୍ୱତୀଙ୍କ ରୂପରେ ଆରାଧନା ସର୍ବସିଦ୍ଧିଦ୍ୱାରା ଜଣାଇ

smarteduguide.com

ଦିଆଯାଇଅଛି । ପରମ ବ୍ରହ୍ମ ପରମାତ୍ମା ଯେଉଁପରି ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ରୂପରେ ସତ ରଜ ଓ ତମ ପ୍ରଧାନ ଶକ୍ତିଙ୍କର ନିୟନ୍ତ୍ରଣ ଭାବରେ ଅବସ୍ଥାନ କରିଛନ୍ତି ସେ ପ୍ରକାର ପରାଶକ୍ତି ଭଗବତୀଙ୍କର ଚିତ୍ ଶକ୍ତିକୁ ମହାକାଳୀ ମହାଲକ୍ଷ୍ମୀ ମହା ସରସ୍ୱତୀଙ୍କ ରୂପରେ ପରିଚିତ ହୋଇଛି । ଭଗବତୀଙ୍କର ଚିତ୍ ଶକ୍ତିକୁ ତମଃ ପ୍ରଧାନ ହେବାଦ୍ୱାରା ମହାକାଳୀ ସ୍ୱ ପ୍ରଧାନ ହେବା କାରଣରୁ ମହାଲକ୍ଷ୍ମୀ ଏବଂ ରଜ ପ୍ରଧାନ ହେବାଦ୍ୱାରା ମହାସରସ୍ୱତୀ ବିଚାରରେ ନିଆଯାଇ ଅଛି । ଭଗବତୀ ଦୁର୍ଗାଙ୍କର ଏହି ତିନିଶକ୍ତିର ସଂପୂର୍ଣ୍ଣ ସ୍ୱରୂପକୁ ଚିତଶକ୍ତି ସ୍ଥାୟୀ ଶକ୍ତି ଅଥବା ମୂଳଶକ୍ତି କୁହାଯାଇଛି ।

❋

## ଶ୍ରୀଦୁର୍ଗା ନବରାତ୍ର ବ୍ରତକଥା

ସେହିଭଳି ଦୁର୍ଗାଙ୍କର ପୂଜାପାଇଁ କୌଣସି ଦିନ ମଧ ଶୁଭ ଏବଂ ଉପଯୋଗୀ ହୋଇଥାଏ । ପରନ୍ତୁ ପ୍ରତ୍ୟେକ ଅଷ୍ଟମୀ ଅଥବା ପ୍ରତ୍ୟେକ ଶୁକ୍ରବାର, ଚୈତ୍ର, ଆଷାଢ଼, ଆଶ୍ୱିନ ଏବଂ ମାଘ ମାସର ଶୁକ୍ଳ ପକ୍ଷରେ ନଅଦିନ ଯାବତ୍ ଦୁର୍ଗା ଦେବୀଙ୍କର ଆରାଧନା କରାଯାଇଥାଏ । ଅଧିକାଂଶ ଶ୍ରଦ୍ଧାଳୁ ଚୈତ୍ର ଏବଂ ଆଶ୍ୱିନ ମାସରେ ନଅଦିନ ଯାଏ ଭଗବତୀ ଦୁର୍ଗାଙ୍କର ଆରାଧନା କରାଯାଇଥାଏ । ସଂଯୋଗରୁ ଏହି ଶାରଦୀୟ ଏବଂ ବୋଧନ ନବରାତ୍ରରେ ଭଗବାନ ଶ୍ରୀରାମଙ୍କର ଆରାଧନା ମଧ ହୋଇଥାଏ । ନବରାତ୍ର ସମ୍ବନ୍ଧରେ ପୌରାଣିକ କଥାର ଅତିରିକ୍ତ ନିମ୍ନଲିଖିତ କଥା ମଧ ପ୍ରଚଳିତ ଅଛି ।



ଦେବତାମାନଙ୍କର ଗୁରୁ ବୃହସ୍ପତି ଦିନେ ବ୍ରହ୍ମାଙ୍କୁ ପ୍ରଶ୍ନ କଲେ– ହେ ବ୍ରହ୍ମା ! ଆପଣ ତ ସମସ୍ତ ଶାସ୍ତ୍ରରେ ଜ୍ଞାତ । ଆପଣ କୃପାକରି ଜଣାନ୍ତୁ ଯେ ମା' ଭଗବତୀଙ୍କର ପ୍ରସନ୍ନତାପାଇଁ ନବରାତ୍ର ବ୍ରତ କ'ଣପାଇଁ କରାଯାଇଥାଏ ? ଏହି ବ୍ରତକୁ ପ୍ରଥମେ କିଏ କଲା ଏବଂ ଏହି ବ୍ରତର ଫଳ କ'ଣ ମିଳିଥାଏ ।

ଶ୍ରୀ ବ୍ରହ୍ମା କହିଲେ– ହେ ଦେବଗୁରୁ ! ଆପଣ ଜଗତର କଲ୍ୟାଣ ନିମନ୍ତେ ଭଲ ପ୍ରଶ୍ନ ଗୋଟିଏ କରିଅଛ । ପ୍ରତ୍ୟେକ ବର୍ଷ ଚୈତ୍ର, ଆଷାଢ଼, ଆଶ୍ୱିନ ଓ ମାଘ ମାସର ଶୁକ୍ଳ ପକ୍ଷରେ ନବରାତ୍ର ବ୍ରତ କରାଯାଇଥାଏ । ଏହି ଚାରି ମାସ ମଧ୍ୟରେ ଚୈତ୍ର ଓ ଆଶ୍ୱିନ ମାସକୁ ନବରାତ୍ରର ପ୍ରମୁଖ ଭାବରେ ଗ୍ରହଣ କରାଯାଇଅଛି । ଏହି ନବ ରାତ୍ରରେ ବ୍ରତ କରୁଥିବା ଭକ୍ତମାନଙ୍କର ସମସ୍ତ କାମନା ପୂର୍ଣ୍ଣ ହୋଇଥାଏ । ମା' ଭଗବତୀଙ୍କର କୃପାଦ୍ୱାରା ବ୍ରତ ପୂଜା ଓ କଥା ଶ୍ରବଣ ସହିତ ଦାନ ପୁଣ୍ୟ କରୁଥିବା ମୁଖ୍ୟ ଅଧିକାରୀ ହୋଇଥାଆନ୍ତି । ନବରାତ୍ର ବ୍ରତ କରିବାଦ୍ୱାରା ମନୁଷ୍ୟ ଧନ ବିଦ୍ୟା ଓ ପୁତ୍ର ଆଦି ପ୍ରାପ୍ତି କରିଥାଏ । ଏହି ବ୍ରତକୁ ନକରୁଥିବା ବ୍ୟକ୍ତି ଉତ୍ତମ ଧନରୁ ବଞ୍ଚିତ ହୋଇ ପୃଥିବୀରେ ସମ୍ମାନ ପାଇନଥାଏ । ଯଦି ଏହି ବ୍ରତ କରୁଥିବା ମନୁଷ୍ୟ ପୂରାଦିନ ଉପବାସ ନ କରିପାରେ ତେବେ ଗୋଟିଏ ବେଳା ଭୋଜନ କରି ସେହିଦିନ ବନ୍ଧୁ ସହିତ ନବରାତ୍ର ବ୍ରତ କଥା ଶ୍ରବଣ କରିବାର ବିଧାନ ଗ୍ରହଣ କରାଯାଇଛି ।

ହେ ବୃହସ୍ପତି ! ପ୍ରଥମେ ଏହି ମହାବ୍ରତକୁ ପାଳନ କରିଥିବା ମନୁଷ୍ୟ ପବିତ୍ର ଇତିହାସ ମୁଁ ଶୁଣାଉ ଅଛି । ଏହି ଭାବରେ ବ୍ରହ୍ମାଙ୍କର ବଚନକୁ ଶ୍ରବଣକରି ବୃହସ୍ପତି କହିଲେ– ଏହି କଲ୍ୟାଣକାରୀ ବ୍ରତର

Smarteduguide.com

ଇତିହାସ କଥାକୁ ମୁଁ ଧ୍ୟାନ ପୂର୍ବକ ଶ୍ରବଣ କରୁଅଛି, କୃପାକରି ଆପଣ କୁହନ୍ତୁ ।

ବ୍ରହ୍ମା କହିଲେ– ପିଠଦ୍ ନାମକ ମନୋହର ନଗରରେ ସୁନାଥ ନାମରେ ଜଣେ ବ୍ରାହ୍ମଣଙ୍କର ବାସ ଥିଲା । ସେ ଭଗବତୀ ଦୁର୍ଗାଙ୍କର ପରମ ଭକ୍ତ ଥିଲେ । ତାଙ୍କ ପରିବାରରେ ସୁମତୀ ନାମକ ଏକ ସୁନ୍ଦରୀ କନ୍ୟାଙ୍କର ଜନମ ହେଲା । ସେହି ନିଜ ପିତାଙ୍କ ଘରେ ଶୁକ୍ଳପକ୍ଷରେ ଚନ୍ଦ୍ରକଳା ପ୍ରକାରେ ବଢ଼ିବାକୁ ଲାଗିଲା । ତାଙ୍କର ପିତା ପ୍ରତିଦିନ ହୋମ କରୁଥିଲେ । ସେହି କନ୍ୟା ମଧ୍ୟ ସେଠାରେ ଉପସ୍ଥିତ ରହୁଥିଲେ । ଥରେ ସୁମତି ନିଜର ସଖୀମାନଙ୍କ ସହିତ ଖେଳରେ ରହିଗଲେ ଏବଂ ଭଗବତୀଙ୍କ ପୂଜାରେ ବିଳମ୍ବରେ ଉପସ୍ଥିତ ହେଲେ । ବ୍ରାହ୍ମଣ ଭାବିଲେ ତାଙ୍କର କନ୍ୟା ପୂଜାରେ ମନ ରହୁନାହିଁ, ସେ ନିଜକୁ ସଜାଇ ହେବାରେ ଗୁରୁତ୍ୱ ରଖୁଅଛି । ସେ କ୍ରୋଧରେ ଆସି ଭାବିଲେ ଯେ ମୁଁ ଏବେ ତାକୁ କେଉଁଠି ଜାଗାରେ ନେଇ ବିବାହ କରାଇ ଦେବି ଯେ ଯାହା ତା'ର ରୂପରଙ୍ଗର ମୂଲ୍ୟ ବ୍ୟର୍ଥ ହୋଇଯିବ । ଏହା ଭାବି ବ୍ରାହ୍ମଣ କହିଲା– କନ୍ୟା ତୁମେ ମୋର କଥାକୁ ଗ୍ରହଣ କରୁନାହଁ, ଏହାଦ୍ୱାରା ନିଜର କ୍ଷତିକୁ ଓ ଅମଙ୍ଗଳକୁ ଡାକି ଆଣୁଅଛ । କନ୍ୟା ବିନମ୍ର ଭାବରେ କହିଲେ– ହେ ପିତା, ମା' ମୋର ରକ୍ଷକ ଅଟନ୍ତି, ଭାଗ୍ୟରେ ଯାହା ଲେଖାଥାଏ ତାହା କେବେ ଲିଭିଯାଇ ନଥାଏ । କନ୍ୟାର ଏପରି କଥାଶୁଣି ପିତାଙ୍କର କ୍ରୋଧ ଆସିଲା ଏବଂ କନ୍ୟାକୁ କହିବାକୁ ଲାଗିଲେ– କନ୍ୟା ତୁମେ ଭଗବତୀଙ୍କର ପୂଜା କଲ ନାହିଁ । ଏବେ ମୁଁ କୁଷ୍ଠ ଏବଂ ଦରିଦ୍ର ବ୍ୟକ୍ତିଙ୍କ ସାଥିରେ ତୋର ବିବାହ କରାଇ ଦେବି ।



ପିତାଙ୍କର ଏପରି କଥା ଶୁଣି ସୁମତୀଙ୍କ ମନରେ ବହୁତ କଷ୍ଟ ହେଲା । ସେ କହିଲା– ହେ ପିତା ! ମୁଁ ତୁମର କନ୍ୟା ଅଟେ । ସମସ୍ତ ପ୍ରକାରରୁ ମୁଁ ତୁମରି ଅଧିନସ୍ଥ ହୋଇ ରହିଅଛି । ଯେଉଁଠାରେ ଆପଣଙ୍କର ଇଚ୍ଛା ହେବ ସେହିଠାରେ ଆପଣ ମୋର ବିବାହ କରାଇ ଦିଅନ୍ତୁ । ଯାହା ମୋର ଭାଗ୍ୟରେ ଲେଖା ଅଛି ତାହାହିଁ ତ ମୋତେ ଭୋଗିବାକୁ ହେବ, ଆଉ ତାହାହିଁ ଘଟିବ ଏଥିରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି । ମନୁଷ୍ୟର ଅନେକ ମନସ୍କାମନାର ଚିନ୍ତା ଥାଏ; କିନ୍ତୁ ଯାହା ହେବା କଥା ଭାଗ୍ୟରେ ଲେଖା ଯାଇଅଛି ।

ନିଜ କନ୍ୟାର ଏଭଳି ନିର୍ଭୀକ କଥା ଶୁଣି ବ୍ରାହ୍ମଣଙ୍କୁ ଅଧିକ କ୍ରୋଧ ଲାଗିଲା । ଆଉ କହିଲେ– ଦେଖୁଛି ଭାଗ୍ୟର ଭରସାରେ ରହିରହି ଏବେ ତୁ କ'ଣ କରିବୁ ? ଏପରିଭାବରେ ପିତାଙ୍କର କଠୋର ବ୍ୟବହାରକୁ ଦେଖି ସୁମତୀ ନିଜର ପତିଙ୍କ ସହିତ ଅରଣ୍ୟକୁ ଚାଲିଗଲେ । ଏପରି ଭୟାବହ ଅରଣ୍ୟରେ ସୁମତୀ ଓ ତାଙ୍କ ସ୍ୱାମୀ ଦୁହେଁ ରାତ୍ରିଟି କଷ୍ଟରେ ବିତାଇଲେ । ସାରା ରାତି ସ୍ୱାମୀ ସ୍ତ୍ରୀ ଦୁହେଁ ଭଗବତୀଙ୍କର ଧ୍ୟାନ କରିବାକୁ ଲାଗିଲେ । ମା' ଭଗବତୀ ଖୁବ୍ ଦୟାଳୁ ଅଟନ୍ତି । ସୁମତୀଙ୍କର ଦୁଃଖ ଦେଖି ଭଗବତୀ ତାଙ୍କ ନିକଟରେ ପ୍ରକଟ ହେଲେ । ଆଉ ମଧ୍ୟ ସୁମତୀଙ୍କୁ କହିଲେ– ହେ ମୋର କନ୍ୟା, ମୁଁ ତୁମ ଉପରେ ପ୍ରସନ୍ନ ହେଲି । ତୁମେ ଯାହା ଚାହିଁବ ତାହା ମାଗିପାର । ମୁଁ ପ୍ରସନ୍ନ ହୋଇଥିବାରୁ ତୁମକୁ ତୁମର ମନବାଞ୍ଛିତ ଫଳ ଦେବା ନିମନ୍ତେ ରହିଅଛି । ଭଗବତୀଙ୍କର ଏପରି କଥା ଶୁଣି ସୁମତୀ ପଚାରିଲେ– ଆପଣ କିଏ ? ଯିଏ ମୋ ଉପରେ ପ୍ରସନ୍ନ ହୋଇଛନ୍ତି । ଏହି ପ୍ରଶ୍ନର ଉତ୍ତର ଦିଅ ଏବଂ ନିଜର କୃପା ଦୃଷ୍ଟିରୁ ମୋ ପରି...

smarteduguide.com

ଦୀନଦାସୀକୁ କୃତାର୍ଥ କରିଦିଅ । ସୁମତୀର ବଚନ ଶୁଣି ଦେବୀ କହିଲେ– ମୁଁ ଆଦ୍ୟା ଶକ୍ତି ଅଟେ । ମୁଁ ହେଉଛି ବ୍ରହ୍ମ ବିଦ୍ୟା ଏବଂ ସରସ୍ୱତୀ ଅଟେ । ମୁଁ ପ୍ରସନ୍ନ ହେଲେ ପ୍ରାଣୀମାନଙ୍କର ଦୁଃଖ ଦୂର କରି ସେମାନଙ୍କୁ ସୁଖ ପ୍ରଦାନ କରିଥାଏ । ସୁମତୀ ମାଆଙ୍କ ଚରଣରେ ପଡ଼ିଗଲେ । ସୁମତୀ ହସ୍ତ ଯୋଡ଼ପୂର୍ବକ ପଚାରିଲା– ହେ ମା' ! କେଉଁ କାରଣରୁ ମୋର ଏହି ଦୁର୍ଦ୍ଦଶା ହୋଇଛି । ଏହି ଜନ୍ମରେ ମୁଁ କୌଣସି ପାପ କରିନାହିଁ, ଆପଣ କୃପାକରି ମୋର ପୂର୍ବଜନ୍ମ କଥା ବତାନ୍ତୁ ।

ଭଗବତୀ କହିଲେ ମୁଁ ତୁମର ପୂର୍ବଜନ୍ମ କଥା ଶୁଣାଉଛି । ତୁମେ ପୂର୍ବଜନ୍ମରେ ନିଶାଦର ପତିବ୍ରତା ସ୍ତ୍ରୀ ଥିଲ । ଥରେ ତୋର ନିଷାଦ ପତି ଚୋରି କଲା, ଚୋରି କାରଣରୁ ତୁମ ଦୁଇଜଣଙ୍କୁ ସିପାହି ଧରିନେଇ କାରାଗାରରେ ପକାଇ ଦେଲେ । ସେମାନେ ତତେ ଓ ତୋର ପତିଙ୍କୁ ଖାଇବାକୁ ଦେଲେ ନାହିଁ । ଭାଗ୍ୟ ଯୋଗକୁ ସେଦିନ ନବରାତ୍ର ଥିଲା । ନବରାତ୍ରରେ ଖାଇବାକୁ ଅନ୍ନ ମିଳିଲା ନାହିଁ କି ଜଳ ମିଳିଲା ନାହିଁ । ଏହି ପ୍ରକାର ନଅଦିନ ଯାଏ ନବରାତ୍ରର ବ୍ରତ ହୋଇଗଲା । ହେଲେ ସୁମତୀ ସେହି ଦିନରେ ଯେଉଁ ବ୍ରତ ହେଲା ସେ ବ୍ରତ ପ୍ରଭାବରୁ ପ୍ରସନ୍ନ ହୋଇ ତୁମକୁ ଉତ୍ତମ ପରିବାର ପ୍ରାପ୍ତ ହେଲା । ସେହି ଜନ୍ମର ବ୍ରତର ପ୍ରଭାବରୁ ପ୍ରସନ୍ନ ହୋଇ ମୁଁ ତୁମକୁ ଦର୍ଶନ ଦେଲି । ଏବେ ତୁମକୁ ତୁମର ମନବାଞ୍ଛିତ ବସ୍ତୁ ମିଳୁଛି । ତୁମର ଯାହା ଇଚ୍ଛା ତାହାହିଁ ମାଗିନିଅ । ମା' ଦୁର୍ଗାଙ୍କର ଏପରି ବଚନ ଶୁଣି ସୁମତି କହିଲା– ଯଦି ଆପଣ ମୋ ଉପରେ ପ୍ରସନ୍ନ ଅଛନ୍ତି, ତାହାହେଲେ ହେ ମା' କୃପାକରି ମୋ ପତିଙ୍କୁ କୁଷ୍ଠ ରୋଗରୁ ମୁକ୍ତି କରିଦିଅନ୍ତୁ । ଦେବୀ କହିଲେ ସେହି ଦିନ ଯେଉଁ ବ୍ରତକର ସେହି ବ୍ରତର



ମାତ୍ର ଗୋଟିଏ ଦିନର ପୁଣ୍ୟ ନିଜ ପତିର କୁଷ୍ଠ ଆରୋଗ୍ୟ କରିବା ଲାଗି ସମର୍ପଣ କର । ମୋର ପ୍ରଭାବରେ ତୁମର ପତି କୁଷ୍ଠ ରୋଗରୁ ଯଥା ଶିଘ୍ର ମୁକ୍ତି ପାଇଯିବେ ।

ମା' ଦୁର୍ଗାଙ୍କର ମହିମା ଅପରାପର ରହିଅଛି । କୌଣସି ଜନ୍ମରେ କରିଥିବା ପୁଣ୍ୟ ତାହାଙ୍କର ନାମ ସୁମରଣ ବ୍ରତ ଆଦି ଭକ୍ତକୁ ମନର ଇଚ୍ଛାମୁତାବକ ବରଦାନ ମିଳିଥାଏ ।

ଶ୍ରୀବ୍ରହ୍ମା କହିଲେ ଦେବୀଙ୍କର ବଚନ ଶୁଣି ସୁମତୀ ବହୁତ ପ୍ରସନ୍ନ ହେଲେ । ନିଜ ପତିଙ୍କର ନିରୋଗୀ କରିବାର ଇଚ୍ଛାରେ ମା' ଦୁର୍ଗାଙ୍କୁ ପ୍ରଣାମ କରି କହିଲା– ମା' ! ତୁମେ ମୋ ଉପରେ କୃପା କର । ଆପଣଙ୍କର ପୂଜାର ପାଳନଦ୍ୱାରା ମୋର ପତିଙ୍କୁ ନିରୋଗ କରନ୍ତୁ । ତତ୍‌କ୍ଷଣାତ୍ ସୁମତୀର ପତିଙ୍କର ଶରୀର ଭଗବତୀ ଦୁର୍ଗାଙ୍କ କୃପାରୁ ରୋଗମୁକ୍ତ ହୋଇଗଲା । ପତିଙ୍କର ମନୋହର ଶରୀର ଦେଖି ସୁମତୀ ମାଆଙ୍କର ବନ୍ଦନା କରିବାକୁ ଲାଗିଲେ । ସୁମତୀ କହିଲା ହେ ଦୁର୍ଗା, ତୁମେ ଦୁର୍ଗତିକୁ ଦୂର କରିବା ବାଲା । ତିନି ଲୋକର ଦୁଃଖ ହରଣ କରିବା ବାଲା । ସାରା ଜଗତର ତୁମେ ମାତା ଓ ପିତା ଅଟ । ହେ ଅମ୍ବେ ! ମୋର ଛୋଟ ଅପରାଧରୁ ମୋର ପିତା ଗୋଟିଏ କୁଷ୍ଠ ରୋଗୀ ବ୍ୟକ୍ତି ସହିତ ମୋର ବିବାହ କରିଥିଲେ । ଆପଣ ମୋତେ ଉଦ୍ଧାର କରିଦେଲେ । ହେ ଦେବୀ, ମୁଁ ତୁମକୁ ପ୍ରଣାମ କରୁଅଛି । ତୁମେ ଏହି ଦରିଦ୍ରକୁ ରକ୍ଷାକଲ । ଏହି ପ୍ରକାର ବର୍ଣ୍ଣନା କରି ସୁମତୀ ମା'ଙ୍କ ଚରଣରେ ପଡ଼ିଗଲେ ।

ବ୍ରହ୍ମା କହିଲେ– ବୃହସ୍ପତି, ସୁମତୀ ନିଜ ମନରୁ ଦେବୀଙ୍କର ବନ୍ଦନା କରିଥିଲା । ସେଥିଲାଗି ଦେବୀ ବହୁତ ସନ୍ତୁଷ୍ଟ ହେଲେ ଏବଂ

smarteduguide.com

ସୁମତୀକୁ କହିଲେ– ହେ ପୁତ୍ରୀ, ତୋର ଅତି ବୁଦ୍ଧିମାନ ଧନବାନ କୀର୍ତ୍ତିବାନ ଜିତେନ୍ଦ୍ରିୟ ପୁତ୍ର ଜନ୍ମ ହେବ । ଏହାପରେ ପୁଣି ଦେବୀ କହିଲେ– ହେ ପୁତ୍ରୀ, ଆଉ ଯଦି ତୁମର ଇଚ୍ଛା ଅଛି, ମାଗିପାର । ଭଗବତୀ ଦୁର୍ଗାଙ୍କର ବଚନ ଶୁଣି ସୁମତୀ କହିଲେ– ହେ ଦୁର୍ଗା, ଯଦି ଆପଣ ମୋ ଉପରେ ପ୍ରସନ୍ନ ହେଉଛନ୍ତି, ତାହାହେଲେ କୃପାକରି ମୋତେ ନବରାତ୍ର ବ୍ରତର ବିଧି ବତାଅ । ହେ ଦୟାବତୀ ଯେଉଁ ବିଧାନ, ଦ୍ୱାରା ନବରାତ୍ର ବ୍ରତ କଲେ ତୁମେ ପ୍ରସନ୍ନ ହେଉଛ ସେହି ବିଧି ଏବଂ ତାହାର ଫଳ ସବୁକୁ ବର୍ଣ୍ଣନା କର । ସୁମତୀର କଥା ଶୁଣିସାରି ଦେବୀ କହିଲେ– ହେ କନ୍ୟା, ମୁଁ ତୁମ ନିମନ୍ତେ ସଂପୂର୍ଣ୍ଣ ପାପ ଦୂର କରିବା ବାଲା । ତୁମକୁ ନବରାତ୍ର ବ୍ରତ ପାଳନର ବିଧି କହୁଅଛି, ସେହିଥିରୁ ମନୁଷ୍ୟ ସମସ୍ତ ପାପରୁ ମୁକ୍ତି ଏବଂ ମୋକ୍ଷ ପ୍ରାପ୍ତି ପାଇଥାଆନ୍ତି । ଆଶ୍ୱିନ ମାସର ଶୁକ୍ଳପକ୍ଷର ପ୍ରତିପଦାଠାରୁ ନେଇକରି ନଅ ଦିବସ ପର୍ଯ୍ୟନ୍ତ ବିଧିପୂର୍ବକ ବ୍ରତ କରାଯାଏ । ଯଦି ଦିନରେ ବ୍ରତ ନ କରିପାରିଲେ ତାହା ହେଲେ ଗୋଟିଏ ସମୟ ନିମନ୍ତେ ଭୋଜନ କର, ଯୋଗ୍ୟ ବ୍ରାହ୍ମଣଙ୍କୁ ପଚାରି ଘଟର ସମାପନ କର ଏବଂ ଆଟିକା ତିଆରି କରି ତାକୁ ସବୁଦିନ ଜଳ ଦ୍ୱାରା ଛିଞ୍ଚନ କରିବ । ମହାକାଳୀ ମହାଲକ୍ଷ୍ମୀ ଏବଂ ମହାସରସ୍ୱତୀଙ୍କର ମୂର୍ତ୍ତି ତିଆରି କରି ନିତି ବିଧି ବିଧାନ ଅନୁସାରେ ପୂଜା କର । ମନ୍ଦାର ଫୁଲ ଅର୍ପଣ କଲେ ରୂପର ପ୍ରାପ୍ତି ହୋଇଥାଏ । ଜାଇଫଳ ଅର୍ପଣ କଲେ କୀର୍ତ୍ତି ପ୍ରାପ୍ତି ହୋଇଥାଏ । ଅଁଳା ସମର୍ପଣ କଲେ ସୁଖ ଏବଂ କଦଳୀ ଅର୍ପଣ କଲେ ଆଭୂଷଣ ପ୍ରାପ୍ତି ହୋଇଥାଏ ।



ଏହି ପ୍ରକାର ଫଳ ଅର୍ପଣ କରି ଦୟା ବିଧି ହୋମ କର । ଘୃତ ଗହମ ମହୁ ବେଲପତ୍ର ନଡ଼ିଆ କଦମ୍ବ ଦ୍ୱାରା ହୋମ କରାଯାଇଥାଏ । ଗହମରେ ହୋମ କଲେ ଲକ୍ଷ୍ମୀ ପ୍ରାପ୍ତି ହୋଇଥାଏ । କ୍ଷୀରଦ୍ୱାରା ହୋମ କଲେ ପରିବାରର ବୃଦ୍ଧି ଘଟେ । ଚମ୍ପା ଫୁଲଦ୍ୱାରା ଧନପ୍ରାପ୍ତି ହୋଇଥାଏ ଏବଂ ସୁଖ ପ୍ରାପ୍ତି ହୋଇଥାଏ । ଅଁଳାରୁ କୀର୍ତ୍ତି ଏବଂ କଦଳୀରୁ ପୁତ୍ର ପ୍ରାପ୍ତି ହୋଇଥାଏ । ପଦ୍ମରୁ ରାଜସମ୍ମାନ ପ୍ରାପ୍ତି ହୋଇଥାଏ । ଘୃତ ନଡ଼ିଆ ମଧୁ ଜଅ ତିଳ ଏ ସମସ୍ତରୁ ତଥା ଫଳରେ ହୋମ କଲେ ମନବାଞ୍ଛିତ ବସ୍ତୁର ପ୍ରାପ୍ତି ହୋଇଥାଏ ।

ବ୍ରତ କରୁଥିବା ମନୁଷ୍ୟ ଏହି ବିଧିରେ ହୋମ କଲାପରେ ଅତ୍ୟନ୍ତ ନମ୍ରତା ସହିତ ଆଚାର୍ଯ୍ୟଙ୍କୁ ପ୍ରଣାମ କରିବେ ଏବଂ ଯଜ୍ଞସିଦ୍ଧି ନିମନ୍ତେ ତାଙ୍କୁ ଦକ୍ଷିଣା ଦେବ । ଏହି ମହାବ୍ରତ ଆଗରୁ କୁହାଯାଇଥିବା ବିଧି ଅନୁସାରେ ଯିଏ ବ୍ରତ ପାଳନ କରିଥାଏ ତାହାର ସମସ୍ତ ମନୋରଥ ସିଦ୍ଧି ପ୍ରାପ୍ତି ହୋଇଥାଏ । ଏହିଟି ଏକ ହୋଇଗଲେ ସନ୍ଦେହ ନାହିଁ ।

ଏହି ନଅଦିନ ଯାଏ ଯାହାକିଛି ଦାନ କରାଯାଏ, ଏହାର ଫଳ କୋଟି ଗୁଣ ମିଳିଥାଏ । ନବରାତ୍ର ବ୍ରତ କଲେ ଅଶ୍ୱମେଧ ଯଜ୍ଞର ଫଳ ପ୍ରାପ୍ତି ହୋଇଥାଏ ।

ନବରାତ୍ରରେ ଭଗବତୀଙ୍କର ପୂଜା ହୋମର ବିଧି ଜାଣି ସୁମତୀ ପ୍ରସନ୍ନ ହୋଇଗଲେ । ହେ ଦେବଗୁରୁ ବୃହସ୍ପତି, ସଂପୂର୍ଣ୍ଣ କାମନାର ପୂର୍ଣ୍ଣ କରୁଥିବ । ଏହି ଉତ୍ତମ ବ୍ରତର ତୀର୍ଥ ଦେବୀ ମନ୍ଦିର ଅଥବା ସୁବିଧା ହେଉଥିଲେ ଗୃହରେ ବିଧି ଅନୁସାରେ କରିପାରିବେ । କବଚ କିଳକ

smarteduguide.com

ଅର୍ଗଳ ସ୍ତୋତ୍ର ପାଠ ସହିତ ହବନ ପୁରାଣ ପାଠ ସହିତ ଭଗବତୀଙ୍କର ପୂଜା କରିବାକୁ ହୋଇଥାଏ । ନବରାତ୍ର ବ୍ରତର ବିଧି ଏବଂ ଫଳ ବତାଇ ଦେବୀ ଅନ୍ତର୍ଦ୍ଧାନ ହୋଇଗଲେ । ଯେ ପୁରୁଷ କିମ୍ବା ସ୍ତ୍ରୀ ଏହି ବ୍ରତକୁ ଭକ୍ତି ପୂର୍ବକ ପାଳନ କରିବେ ସେ ଏହି ଜନ୍ମରେ ବହୁ ସୁଖ ପାଇବା ସହିତ ମୋକ୍ଷ ହୋଇଯାଆନ୍ତି ।

ଶ୍ରୀ ଦୁର୍ଗା ପୂଜା ଏହାପରେ କରିବେ ।



smarteduguide.com



# ମା ଦୁର୍ଗାଙ୍କର ଆରତି

ଜଗତ ଜନନୀ ଜୟ । ଜୟ । ଜୟ ମା, ଜଗତ ଜନନୀ ଜୟ ଜୟ
ଭୟ ହାରିଣୀ ଭବ ତାରିଣୀ ଭବ ଭାମିନୀ ଜୟ । ଜଗ
ତୁହି ସତଚିତ୍ ସୁଖମୟ ଶୁଦ୍ଧ ବ୍ରହ୍ମରୂପା
ସତ୍ୟ ସନାତନ ସୁନ୍ଦର ପର-ଶିବ ସୁରଭୂପା ।। ଜଗ
ଆଦି ଅନାଦି ଅନାମୟ ଅବିଚଳ ଅବିନାଶୀ,
ଅମଳ ଅନନ୍ତ ଅଗୋଚର ଅଜ ଆନନ୍ଦରାଶି ।। ଜଗ
ଅବିକାରୀ ଅଘହାରୀ ଅବିଳ କଳା ଧାରୀ,
କର୍ତ୍ତା ବିଧି ଭର୍ତ୍ତା ହରି ହର ସଂସାରକାରୀ ।। ଜଗ
ତୁ ବିଧି ବଧୂ ରମା ତୁ ଉମା ମହାମାୟା
ମୂଳ ପ୍ରକୃତି ବିଦ୍ୟାକୁ ତୁ ଜନନୀ ଜାୟା ।। ଜଗ
ରାମ କୃଷ୍ଣ ତୁ ସୀତା ବ୍ରଜରାଣୀ ରାଧା
ତୁ ବାଂଛା କଳ୍ପଦ୍ରୁମ ହାରିଣୀ ସବୁବାଧା ।। ଜଗ
ଦଶବିଦ୍ୟା ନବଦୁର୍ଗା ନାନା ଶସ୍ତ୍ର କରା ।
ଅଷ୍ଟମାତୃକା ଯୋଗିନୀ ନବନବ ରୂପଧରା ।। ଜଗ
ତୁ ପରଧାମନି ବାସଲୀ ମହାବିଳାସିନୀ ତୁ
ତୁ ସଂସାନ୍ନ ବିହାରିଣୀ ତାଣ୍ଡବ ଲାସିନି ତୁ ।। ଜଗ
ସୁର ମୁନି ମୋହିନୀ ସୌମ୍ୟା ତୁ ଶୋଭାଧାରା
ବିବସନ ବିକଟ ସ୍ୱରୂପା ପ୍ରଳୟାମୟୀ ଧାରା ।। ଜଗ
ତୁହି ସ୍ନେହ ସୁଧାମୟୀ, ତୁ ଅତି ସରଳମନା ।
ରତ୍ନ ବିଭୂଷିତମୟୀ ତୁହି ଅଙ୍ଗି ଚନା ।। ଜଗ

ମୂଳାଧାର ନିବାସିନୀ ଇହପର ସିଦ୍ଧିପ୍ରଦେ ।
କିଳା ଚିତା କାଳି କମଳା ତୁ ବର ଦେ ॥ ଜଗ
ଶକ୍ତି ଶକ୍ତିଧର ତୁହି ନିତ୍ୟ ଅଭେଦମୟୀ ।
ଭେଦ ପ୍ରଦର୍ଶିନୀ ବାଣୀ ବିମଳେ, ବେଦତ୍ରୟୀ ॥ ଜଗ
ହମ ଅତି ଦୀନ ଦୁଃଖୀ ମା' ବିପଦ ଜାଲ ଘେରେ
ହେ କପୁତ ଅତି କପଟି ପର ବାଳକ ତୋର ॥ ଜଗ
ନିଜ ସ୍ୱଭାବ ବଶ ଜନନୀ, ଜୟ ଦୃଷ୍ଟି କର ।
କରୁଣା କରୁଣ କର କରୁଣାମୟୀ ଶରଣ ସରଣ ଦିଅ ॥ ଜଗ

**ସମାପ୍ତ**

❋

smarteduguide.com

ଏହାପରେ ପ୍ରକାଶ ପାଇବ

## ବୃହଦ୍ ନବରାତ୍ର ପୂଜାବିଧି

– ପ୍ରକାଶକ –

**ବୀଣାପାଣି ପୁସ୍ତକ ଭଣ୍ଡାର**

ଜୟଶ୍ରୀ ସିନେମା ହଲ କମ୍ପାଉଣ୍ଡ

ବାଦାମ ବାଡ଼ି, କଟକ